# କଣାସ ଅଞ୍ଚଳରେ ହାତୀ ଉପଦ୍ରବ



**କଣାସ,୭।୧(ସମିସ):** କଣାସ ବ୍ଲକର ଗଡ଼ସାନପୁଟ ଗ୍ରାମପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ ହାତୀ ଉପଦ୍ରବ। ଏକ ଦନ୍ତା ହାତୀ ଗତକାଲି ରାତିରେ ଗ୍ରାମରେ ପ୍ରବେଶ କରି ବଳରାମ ସୁନ୍ଦରାୟଙ୍କ ଦୁଆରେ ଥୁଆହୋଇଥିବା ଧାନ ନଷ୍ଟ କରିଛି। ଆଜି ଚୌଦମୌଜା ବିଦ୍ୟୁତ୍ ମହାବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ୩ଟି ସ୍ଥାନରେ ମହାବିଦ୍ୟାଳୟର ପାଚେରି ଭାଙ୍ଗିବା ସହ ଅନେକ ଗଛଲତା ଭାଙ୍ଗି ପକାଇଛି ହାତୀ। ପରେ ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ପାଚେରି ଓ ବହୁ ଗଛଲତା ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଦନ୍ତାହାତୀର ଉପଦ୍ରବ ଦେଖି ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି। ଦନ୍ତାହାତୀକୁ ଘଉଡ଼ାଇବା ପାଇଁ ବନ ବିଭାଗର ଅନେକ କର୍ମଚାରୀ ଏବଂ କଣାସ ଥାନାର ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ଜଗି ରହିଛନ୍ତି। ପ୍ରକାଶଥାଉ କି ପ୍ରତ୍ୟେକ ବର୍ଷ ଶାରଦ ଧାନ ଅମଳ ସମୟରେ ଚନ୍ଦକା ଜଙ୍ଗଲରୁ ଅନେକ ହାତୀ ଧାନ ଖାଇବା ପାଇଁ କଣାସ ଅଞ୍ଚଳକୁ ପ୍ରବେଶ କରିବା ସହ ବହୁ ଧନଜୀବନ ନଷ୍ଟ କରୁଛନ୍ତି। ବନ ବିଭାଗର କର୍ମଚାରୀ ତାହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ପଦେକ୍ଷପ ନେଉନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି।

## କଣାସ ବ୍ଲକରେ ଫଳକଭଙ୍ଗା ରାଜନୀତି

# ପୁଲିସର କାର୍ଯ୍ୟକଳାପକୁ ବିରୋଧ; ଥାନା ଆଗରେ ଧାରଣା

**କଣାସ,୭।୧(ସମିସ):** କଣାସ ବ୍ଲକର ନୂଆଜଗନ୍ନାଥ ସଡ଼କରୁ ବାଦୁରାବରଠାରୁ ବଡାଲ, ଗୋପୀନାଥପୁର ଦେଇ କରମଳାକୁ ସଂଯୋଗ କରୁଥିବା ରାସ୍ତାର ଶିଳାନ୍ୟାସ ଗତ ୪ ତାରିଖରେ ହୋଇଥିଲା। ଉକ୍ତ ଶିଳାନ୍ୟାସ ଫଳକକୁ କୌଣସି ବ୍ୟକ୍ତି ସେହି ଦିନ ରାତିରେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ଗଡ଼ିଶାଗୋଦା ଥାନା ପୁଲିସ ସେହି ଗ୍ରାମର ସୁଶାନ୍ତ ପ୍ରଧାନଙ୍କୁ ଗତକାଲି ରାତିରେ ଉଠାଇ ଆଣିଥିଲା। ତେବେ ପୁଲିସର କାର୍ଯ୍ୟକଳାପକୁ ବିରୋଧ କରି ଆଜି ବିଜେଡିର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଦିନତମାମ ଗଡ଼ିଶାଗୋଦା ଥାନା ଆଗରେ ଧାରଣାରେ ବସି ରହିଥିଲେ।



ସୂଚନା ଅନୁଯାୟୀ, ବିଜେଡି ସମର୍ଥକ ସୁମତୀ ପ୍ରଧାନ ଗଡ଼ିଶାଗୋଦା ଥାନାରେ ପୂର୍ବରୁ ଏକ ଏତଲା ଦେଇଥିଲେ ଯେ ସେହି ଗ୍ରାମର ୫ରୁ ୭ଜଣ ବିଜେପି ସମର୍ଥକ ବିଭିନ୍ନ ମାରଣାସ୍ତ୍ର ଧରି ଧମକଚମକ ଦେଉଛନ୍ତି। ପୁଲିସ ସେମାନଙ୍କ ପ୍ରତି ନିରବଦ୍ରଷ୍ଟା ରହିଥିବା ବେଳେ କିଛି ଅଭିଯୋଗ ନ ଥାଇ କାହିଁକି ତାଙ୍କ ସ୍ୱାମୀଙ୍କୁ ପୁଲିସ୍ ଧରିଆଣିଛି ବୋଲି ସେ ପ୍ରଶ୍ନ କରିଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାର ଦିନତମାମ ୫୦ରୁ ଊର୍ଦ୍ଧ୍ୱ ବିଜେଡି ସମର୍ଥକ ଗଡ଼ିଶାଗୋଦା ଥାନା ଆଗରେ ଧାରଣାରେ ବସି ରହିଥିଲେ। ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଥାନାରେ ପହଞ୍ଚି ଏ ସଂପର୍କରେ ଆଇଆଇସି ଦୁର୍ଗାଚରଣ ମହାପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଆତଙ୍କରାଜ ସୃଷ୍ଟି କରୁଥିବା ଲୋକମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେବାରୁ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ



**ନିମାପଡ଼ା,୭।୧(ସମିସ):** ନିମାପଡା ଆର୍‌ଏମ୍‌ସି କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜିତ କୁମାର ସାହୁ, ବିଡିଓ ଡଃ ଅଭିଜିତ ଷଡ଼ଙ୍ଗୀ, ସିଏସଓ ସୁନିତା ସିଂ, ଡିଆରଡିଏ ପି.ଡି ପ୍ରିୟ ରଞ୍ଜନ ପୃଷ୍ଟି, ଆର୍‌ଏମ୍‌ସି ସଂପାଦକ ସୁଶାନ୍ତ ରାଉତ, ଆରଏମସି ହିସାବ ରକ୍ଷକ ବିଜୟ କୁମାର ସ୍ୱାଇଁ, ନିମାପଡା, ଗୋପ, କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଦେବଦତ୍ତ ତ୍ରିପାଠୀ, ସତ୍ୟବ୍ରତ ସ୍ୱାଇଁ, ଦିଲ୍ଲୀପ କୁମାର ବେହେରାଙ୍କ ସମେତ ଅନେକ ପଦାଧିକାରୀ ଯୋଗ ଦେଇଥିଲେ।

# ବଢୁଛି ମାଟି ଚୋରାଚାଲାଣ

**ନୟାହାଟ,୭।୧(ସମିସ):** ଗୋପ ତହସିଲ ଅଧୀନରେ ଥିବା ନୟାହାଟ ଅଞ୍ଚଳର ଜଙ୍ଗଲବୋରି, ବରୀମୁଣ୍ଡ, ବଉଳାଙ୍ଗ ତିନୋଟି ଆର୍‌ଆଇ ସର୍କଲ ଅଞ୍ଚଳରୁ ଅନାବାଦି ଗୋଚର, ନଦୀପଠାରୁ ବେଆଇନ୍ ଭାବେ ଟ୍ରାକ୍ଟର୍ ଯୋଗେ ମାଟି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ପ୍ରାଚୀ ଓ କାଦୁଆ ନଦୀର ରାମେଶ୍ୱର, ସୁହାଗପୁର, କାଦୁଆ ନଦୀର କଣ୍ଟି, ବଡ଼ମାଛପୁରୁ, କଳିଆଗାଦି ଆଦି ସ୍ଥାନରୁ ମାଟି ଆଣି ଇଟା କାରଖାନାରେ ବ୍ୟବହାର କରାଯାଉଛି। ସରକାରୀ ଜାଗାରୁ ମାଗଣା ମାଟି ଆଣି ରାଜସ୍ୱ ନଦେଇ ଇଟା ବ୍ୟବସାୟୀ ମାଲମାଲ ହେଉଛନ୍ତି। ନଦୀପଠାରୁ ଜେସିବି ଦ୍ୱାରା ମାଟି ଖୋଳା ହେବା ଦ୍ୱାରା ଧୀରେ ଧୀରେ ନଦୀକୂଳ ଖାଇ ମୃତ୍ତିକା ଅବକ୍ଷୟ ହେଉଛି। ମାଟି ବୋହୁଥିବା କେତେକ ଟ୍ରାକ୍ଟରର କାଗଜପତ୍ର ସଠିକ୍ ନଥିବା ବେଳେ ପ୍ରଶାସନ ପକ୍ଷରୁ ଧରପଗଡ଼ କରାଯାଉ ନାହିଁ। ନିୟମିତ ଭାବେ ଦିନରାତି ମାଟି ନଦୀପଠାରୁ ଚୋରା ଚାଲାଣ ହେଉଥିବା ବେଳେ ଆର୍‌ଆଇମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଏ ଦିଗରେ ଗୋପ ତହସିଲଦାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପିପିଲି ଓକିଲ ସଂଘର ରୌପ୍ୟ ଜୟନ୍ତୀ ସମାରୋହ

**ପିପିଲି,୭।୧(ସମିସ):** ବିଏନ୍‌ଏସ୍ ଆଇନ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହେବ। ରାଜ୍ୟରେ ନ୍ୟାୟିକ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି ବୋଲି ପିପିଲି ଓକିଲ ସଂଘର ରୌପ୍ୟ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପିପିଲି ଓକିଲ ସଂଘର ସଭାପତି ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଆଇନଜୀବୀ ଭାଇ, ଭଉଣୀମାନଙ୍କ ପାଇଁ ଆମ ସରକାର ଯତ୍ନବାନ ଅଛନ୍ତି। ରାଜ୍ୟ ସରକାର ଓଡ଼ିଶା ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ନ୍ୟାୟିକ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଥିବା ବେଳେ ଲୋକଙ୍କ ପାଖରେ ନ୍ୟାୟକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ସମସ୍ତ ବ୍ଲକରେ ଜେଏମ୍‌ଏଫସି କୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ



ହୋଇଛି। ଏଥିସହ ୧୫୦ଟି ଏଡିଜେ କୋର୍ଟ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ନ୍ୟାୟାଳୟ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବା ସହ ଓକିଲ କଲ୍ୟାଣ ପାଣ୍ଠିକୁ ସାଢ଼େ ୪ ଲକ୍ଷରୁ ୯ ଲକ୍ଷକୁ ବୃଦ୍ଧି କରାଯାଇଛି। ପ୍ରସ୍ତାବିତ ପିପିଲି କୋର୍ଟର ନୂତନ ଗୃହର ବାର୍ କକ୍ଷର ଡିଜାଇନକୁ ସେ ନିଜେ ଅନୁଧ୍ୟାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ପିପିଲି ଡେଲାଙ୍ଗର ବିକାଶରେ ଆଇନଜୀବୀମାନଙ୍କର ଗୁରୁଦାୟିତ୍ୱ ରହିଥିବା ପ୍ରକାଶ କରିଥିଲେ। ନ୍ୟାୟରୁ ବଞ୍ଚିତ ଗରିବ ଲୋକଙ୍କୁ ଅକୁଣ୍ଠିତ ସହାୟତା ପ୍ରଦାନ କରିବାକୁ ସେ ଆଇନଜୀବୀମାନଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ପିପିଲି ଓକିଲସଂଘର ସମସ୍ତ ସଭ୍ୟ/ସଭ୍ୟାମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉପହାର ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା ସମ୍ପାଦକୀୟ ବିବରଣୀ ପଠନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅନୁସାରେ ୨୦୦୦ ମସିହା ଜାନୁଆରୀ ୭ ତାରିଖରେ ପ୍ରତିଷ୍ଠିତ ପିପିଲି ପ୍ରଥମଶ୍ରେଣୀ ବିଚାରବିଭାଗୀୟ ଅଦାଲତ ଓ ପିପିଲି ଓକିଲ ସଂଘକୁ ଇତି ମଧ୍ୟରେ ୨୫ ବର୍ଷ ପୂରିଛି।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର

**କଣାସ,୭।୧(ସମିସ):** କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପ୍ରଥମ ବର୍ଷ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ସଞ୍ଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁନିଲ ମିଶ୍ର ଯୋଗଦେଇଥିବା ବେଳେ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା, ଅତିଥି ଭାବେ ଯୋଗଦେଇ ବାଳିକାମାନେ ଆଜିର ସମାଜରେ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେଥିପାଇଁ ଏହି ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହେଉଥିବା ବେଳେ ପ୍ରତ୍ୟେକ ଝିଅ ଆତ୍ମରକ୍ଷା କୌଶଳ ଶିଖିବା ନିତ୍ୟାନ୍ତ ଦରକାର ବୋଲି ସୂଚନା ଦେଇଥିଲେ। ଅଧ୍ୟାପକ ଗଦାଧର ଶତପଥୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରମୋଦ କୁମାର ହୋତା ଯୋଗଦେଇଥିଲେ। ଲିପ୍ସା ପରିଡା, ରସ୍ମିତା ଜେନା ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରୋଗାମ କୋର୍ଡିନେଟର ଅଧ୍ୟାପକ ଗଙ୍ଗାଧର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେବାସହ ଏହି ଶିବିର ଆଠଦିନ ଧରି ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।

# ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଚାରିଛକ,୭।୧(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦର୍ଶନ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ସମ୍ମାନିତ ଅତିଥିଭାବେ ବିଇଓ ଦ୍ୱିତୀକାନ୍ତ ପ୍ରଧାନ, ଆଲୁମିନି ସଭାପତି ପ୍ରଫେସର ଗୋପୀନାଥ କର, ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପୁରାତନ ଛାତ୍ର ବୈଜ୍ଞାନିକ ବିଜୟ କୁମାର ଦାଶ, ବାୟୁସେନା ୱିଙ୍ଗ କମାଣ୍ଡର ଭାସନ ପ୍ରକାଶ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟା ସସ୍ମିତା ନାୟକ, ସରପଞ୍ଚ ମୁଣ୍ଡ୍ରୀ ଭୋଇ, ସମିତିସଭ୍ୟା ଝରଣା ସାହୁ, ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ, ପରିଚାଳନା କମିଟି ସଭାପତି ସିପ୍ରା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ପରିସରରେ ପୁରାତନ ଛାତ୍ର ବୈଜ୍ଞାନିକ ବିଜୟ କୁମାର ଦାଶଙ୍କ ପତ୍ନୀ ସୁଲୋଚନା ଦାଶଙ୍କ ନାମରେ ଏକ ବିଜ୍ଞାନାଗାର ଓ ୱିଙ୍ଗ କମାଣ୍ଡର ଭାସନ ପ୍ରକାଶ ତ୍ରିପାଠୀଙ୍କ ତରଫରୁ ଏକ ବାୟୁସେନା ମଣ୍ଡପର ଉଦ୍‌ଘାଟନ ହୋଇଯାଇଛି। ଏହି ବିଜ୍ଞାନାଗାର ଛାତ୍ରଛାତ୍ରୀମାନଙ୍କ ବିଜ୍ଞାନ ଉଚ୍ଚ ଶିକ୍ଷା ପାଇଁ ସହାୟକ ଓ ଏହି ବାୟୁସେନା ମଣ୍ଡପର ଉଦ୍ଦେଶ୍ୟ ପିଲାମାନଙ୍କ ମଧ୍ୟରେ ଦେଶ ସେବାପାଇଁ ଜାଗ୍ରତ ସୃଷ୍ଟି କରିବ ବୋଲି ମୁଖ୍ୟବକ୍ତା ଶ୍ରୀ ସମରଥ ମତବ୍ୟକ୍ତ କରିଥିଲେ। ଶିକ୍ଷକ ତ୍ରିଲୋଚନ କର ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ର ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ନିରଞ୍ଜନ କର, ପ୍ରଫୁଲ୍ଲ କୁମାର କର, ପ୍ରଫୁଲ୍ଲ ସାହୁ, ପ୍ରଭାତ ଦାଶ, ଅରକ୍ଷୀତ ଭୋଇ, ପ୍ରକାଶ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।

# ୧୯୮୧ ବ୍ୟାଚ୍‌ର ସହପାଠୀଙ୍କ ସମାବେଶ



**କୋଣାର୍କ, ୭।୧(ସମିସ):** କୋଣାର୍କ-ପୁରୀ ବେଳାମାର୍ଗର ଜୋସେଫ ଗାର୍ଡେନଠାରେ ନିମାପଡ଼ା ମହାବିଦ୍ୟାଳୟରୁ ୧୯୮୧ ମସିହାରେ ସ୍ନାତକ ଡିଗ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ସହପାଠୀମାନଙ୍କର ଏକ ବନ୍ଧୁମିଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୧୯୮୧ ମସିହାରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ସଂପ୍ରତି ବରିଷ୍ଠ ନାଗରିକ। ଜୀବନ ସଂଘର୍ଷରେ ବହୁ ଘାତ ପ୍ରତିଘାତ ଦେଇ ଗତି କରିଥିବା ଏହି ବରିଷ୍ଠ ନାଗରିକମାନେ ସପରିବାର ଏକତ୍ରିତ ହୋଇ ନିଜ ନିଜର ଜୀବନାନୁଭୂତି ବଖାଣିଥିଲେ। ନିଜ ପରିବାର ବ୍ୟତିରେକେ ସମାଜ କଲ୍ୟାଣ ପାଇଁ କିଏ କିପରି ଅବଦାନ ଦେଇ ପାରିଛନ୍ତି, ସେ ସଂପର୍କରେ ଆଲୋଚନା ହୋଇଥିଲା। ନିଜର ପରିବାରକୁ ସଂସ୍କାରିତ ତଥା ସଂସ୍କୃତିନିଷ୍ଠ କରିବା ସହିତ ପାରିପାର୍ଶ୍ୱିକ ସାମାଜିକ ପରିବେଶକୁ ପରିପୁଷ୍ଟ କରିବା ଦିଗରେ ସମସ୍ତେ ଯତ୍ନବାନ ହେବାପାଇଁ ସାମୂହିକ ସଂକଳ୍ପ ନେଇଥିଲେ। ନିମାପଡ଼ା କଲେଜର ପୁରାତନ ଛାତ୍ର ସୁଧୀର ରଞ୍ଜନ, ଗୋପୀନାଥ ଜେନା, ବନରଞ୍ଜନ, ଲକ୍ଷ୍ମୀଧର ବେହେରା, ବିନୋଦିନୀ, ମମତା ଓ ପବିତ୍ର ଏହି ସମାବେଶକୁ ପରିଚାଳନା କରିଥିଲେ।

# ପଥର ବୋଝେଇ ଟ୍ରକ୍ ଜବତ

**ସାକ୍ଷୀଗୋପାଳ,୭।୧(ସମିସ):** ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଏକ ପଥର ବୋଝେଇ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଗାଡିର ଡ୍ରାଇଭର ସଠିକ କାଗଜପତ୍ର ଦେଖାଇ ନ ପାରିବାରୁ ସତ୍ୟବାଦୀ ପୁଲିସ ଗାଡିକୁ ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ଉ କରାଯାଉଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରାଙ୍କଠାରୁ ସୂଚନା ମିଳିଛି।

# ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଜୟଶଙ୍କର

**କୋଣାର୍କ,୭ ।୧(ସମିସ):** ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସପତ୍ନୀକ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଏଠାରେ ପହଞ୍ଚିବା ପରେ ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସେ ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ବୁଲି ଦେଖିଥିଲେ। ଏଏସ୍‌ଆଇ ସର୍କଲ୍ ସୁପରିଟେଣ୍ଡେଣ୍ଟ ଦିବିସ୍ମିତା ବ୍ରଜସୁନ୍ଦର ଗଡ଼ନାୟକ ସୂର୍ଯ୍ୟମନ୍ଦିରର ଇତିହାସ ସଂପର୍କରେ ଅତିଥିଙ୍କୁ ଅବଗତ କରିଥିଲେ।



## ୨୯ତମ ନିମାପଡ଼ା କପ୍ କ୍ରିକେଟ୍

# ଫାଇନାଲରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ

**ନିମାପଡ଼ା,୭।୧(ସମିସ):** ସ୍ଥାନୀୟ ବାରବାଟୀ ପଡ଼ିଆରେ ନିମାପଡା ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ୨୯ତମ ନିମାପଡା କପ୍ କ୍ରିକେଟର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ, କଟକର ମାଷ୍ଟର୍ସ କ୍ଲବକୁ ୯ ୱିକେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଆଜିର ୩୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ମାଷ୍ଟର୍ସ କ୍ଲବ, କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଦଳ ୨୫.୪ ଓଭରରେ ୯୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌରଭ ସିଂ ୨୪ ରନ୍ ସଂଗ୍ରହ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ଏମ୍.ଜି.ରାମଗୋପାଳ ୬ ଓଭର ବୋଲିଂ କରି ୨ଟି ମେଡେନ ଓ ୧୨ ରନ୍ ଦେଇ ୩ ୱିକେଟ୍





ଓ ଅଭିଶେକ ନାଥ ୩ ୱିକେଟ୍ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୨.୧ ଓଭରରେ ଆବଶ୍ୟକୀୟ ରନ୍ ସଂଗ୍ରହ କରି ୯ ୱିକେଟ୍‌ରେ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଶୁଭାଶିଷ ମଲ୍ଲିକ ୫୦ ରନ୍ କରିବା ସହିତ ସାଂଶ କୁମାର ୩୦ ରନ୍ କରି ଏହି ମ୍ୟାଚ୍‌କୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିଭାବେ ପ୍ରାଧ୍ୟାପକ ଅମରେଶ ନନ୍ଦନ ସାହୁ, ଜୀବନାନନ୍ଦ ମହାପାତ୍ର, ନଳିନକାନ୍ତ ପରିଡା, ପ୍ରଦ୍ୟୁମ୍ନ ବେହେରା, ବିଚିତ୍ରାନନ୍ଦ ସାହୁ, ରଞ୍ଜନ ପଟ୍ଟନାୟକ ଓ ଅଭିନନ୍ଦନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସ୍କୋରର ଭାବେ ରୋଶନ୍ ଜିତ ରାୟ ଓ ଓମ୍ ରଞ୍ଜନ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ତୃତୀୟ କ୍ୱାର୍ଟର ଫାଇନାଲରେ ନିମାପଡା ଆଥ୍‌ଲେଟିକ ଆସୋସିଏସନ୍ ଓ ରେଲୱେ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏନେଇ କ୍ରିକେଟ୍ ସେକ୍ରେଟାରୀ ଅକ୍ଷୟ କୁମାର ବେହେରା ସୂଚନା ଦେଇଛନ୍ତି।

# ଅବଧି ସରିବା ପରେ ଶିଳାନ୍ୟାସ ହେଲା କେନାଲ ରାସ୍ତା



**ଚାରିଛକ,୭।୧(ସମିସ):** ପ୍ରାଚୀ ଡିଭିଜନର କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟାରୀ ବାମପଟ କେନାଲ ବନ୍ଧ ନିଆଳି-ଚାରିଛକ ମୁଖ୍ୟ ରାସ୍ତାର ପୁରୁଣା ଫାଣ୍ଡିଛକଠାରୁ ଶ୍ରୀକୋଇଲି ପର୍ଯ୍ୟନ୍ତ ପ୍ରାୟ ୩ କି.ମି ରାସ୍ତାର ସଂପ୍ରସାରଣ ଓ ମରାମତି ପାଇଁ ଗତବର୍ଷ ଜୁନ ମାସରେ ଟେଣ୍ଡର କରାଯାଇ ଡିସେମ୍ବର ୨୦୨୪ରେ କାର୍ଯ୍ୟ ସାରିବାକୁ ଏଗ୍ରୀମେଣ୍ଟ ହୋଇଥିଲା। ମାତ୍ର ଠିକାଦାର ସଠିକ ସମୟରେ କାର୍ଯ୍ୟ ନ ସାରିବାରୁ ସ୍ଥାନୀୟ ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଆଜି ତରବରିଆ ଭାବେ ଉକ୍ତ ରାସ୍ତାର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅତିଥିଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାସ କରିଛନ୍ତି। ୬୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ରାସ୍ତାଟି କାର୍ଯ୍ୟକ୍ଷମ ହେଲେ ୩ଟି ପଞ୍ଚାୟତ ଭୋଦର, ଛଣିଜଙ୍ଗ, ତୁଳସୀପୁର ଓ ବାହାରଣାର ହଜାର ହଜାର ଜନସାଧାରଣ ସହଜରେ ଯାତାୟାତ କରିପାରିବେ। ଦୀର୍ଘଦିନ ହେବ ଏହି ରାସ୍ତାର ମରାମତି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ହୋଇଆସୁଥିଲା। ଆଜି ଶିଳାନ୍ୟାସ ସମୟରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀଯନ୍ତ୍ରୀ ସୁଧାକର ମଲ୍ଲିକ, ସହକାରୀ ଯନ୍ତ୍ରୀ ଉପାଳି ଅପରାଜିତା, ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

୭/୧/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୨୮,୩୩୮/-
ସୁନା: ୦୧.୦୫୦ ଗ୍ରାମ୍
ରୁପା: ୫୩.୫୫୦ ଗ୍ରାମ୍





ପୁରୀ ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

# ପ୍ରବାସୀ ଭାରତୀୟଙ୍କ ଆକର୍ଷଣର କେନ୍ଦ୍ର ସାଜିଛି ପୁରୀ





ମନ ଜିଣିଲା 'ଡ୍ରୋନ୍ ଶୋ' ଓ କାଇଟ୍ ଫେଷ୍ଟିଭାଲ

ଫୁଡ୍ ଫେଷ୍ଟିଭାଲ, ପୁଷ୍ପ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଆରମ୍ଭ




ପୁରୀ,୭।୧(ସମିସ)

ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି ପୁରୀ ବେଳାଭୂମି ମହୋତ୍ସବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦ୍‌ଘାଟନ କରିବା ସହ ମହୋଦଧି କୂଳରେ ମହାପ୍ରଭୁଙ୍କ ମାଟିରେ ଏହି ଭବ୍ୟ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ, ୧୮ ତମ ପ୍ରବାସୀ ଭାରତୀୟ ଦିବସ ଓଡ଼ିଶାର ଭୁବନେଶ୍ୱରରେ ଆୟୋଜିତ ହେଉଥିଲେ ହେଁ ପୁରୀ ସମସ୍ତ ପ୍ରବାସୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ସାଜିଛି। ମହାପ୍ରଭୁଙ୍କ ଦର୍ଶନ ସହ ସ୍ୱର୍ଣ୍ଣିମ ବେଳାଭୂମିର ବ୍ଲୁ ଫ୍ଲାଗ ବିଚ୍, କଳାଗ୍ରାମ ରଘୁରାଜପୁର, ଅପରୂପା ଚିଲିକା ସାତପଡ଼ା, ସୂର୍ଯ୍ୟ ମନ୍ଦିର କୋଣାର୍କ, ରାମଚଣ୍ଡୀ, ପିପିଲିର ପ୍ରସିଦ୍ଧ ଚାନ୍ଦୁଆ ସେମାନଙ୍କ ପାଇଁ ଉତ୍ସାହ ଆଣିବା ସହ ଏଗୁଡିକୁ ଦେଖିବାର ସ୍ୱପ୍ନକୁ ସାକାର କରୁଛି। ନିଜ ପୂର୍ବ ପୁରୁଷଙ୍କ ଅଞ୍ଚଳର ବିକାଶ ଓ ଉନ୍ନତି ସେମାନଙ୍କୁ ଆହ୍ଲାଦିତ କରିବ ନିଶ୍ଚୟ। ପୁରୀ ସୁନ୍ଦର ଭାବେ ସଜେଇ ହୋଇଛି। ଏହା କେବଳ ପ୍ରବାସୀ ନୁହେଁ ଆମ ନିଜ ଦେଶର ଲୋକମାନଙ୍କୁ ମଧ୍ୟ ଆକୃଷ୍ଟ କରିଛି। ଆମର ଆତିଥ୍ୟ ଓ ସେମାନଙ୍କ ପ୍ରତି ଭଲପାଇବା ସେମାନଙ୍କୁ ଉଦ୍‌ବୁଦ୍ଧ କରିବ। ଏହା ଆମ ପର୍ଯ୍ୟଟନ ଶିଳ୍ପକୁ ଆଗକୁ ନେବା ସହ ବିଶ୍ୱରେ ଆମ ମହାନ ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନକୁ ପ୍ରଚାର ପ୍ରସାର କରିବା ଦିଗରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡା ମତ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରବାସୀ ଭାରତୀୟ ମାନଙ୍କ ସମ୍ମାନାର୍ଥେ ଆୟୋଜିତ ଏହି ସମାରୋହ ଆମ ସଂସ୍କୃତି, ଐତିହ୍ୟ ଓ ଗୌରବକୁ ପୁନର୍ଜିବିତ କରିଛି। ଆମ ଅତିଥିମାନଙ୍କୁ ଆମେ ଏଭଳି ସମ୍ମାନ ଓ ଆଦର ଦେବା ଯେ ସେମାନେ ନିଜ ସ୍ଥାନକୁ ଫେରିଗଲେ ମଧ୍ୟ ଏହି ଦିନକୁ ମନେ ରଖିବେ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆକର୍ଷଣୀୟ ଡ୍ରୋନ ଶୋ' ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପଲ୍ଲିଶ୍ରୀ ମେଳା, ଫୁଡ୍ ଫେଷ୍ଟିଭାଲକୁ ଉଦ୍‌ଘାଟନ କରିଥିଲେ। ବେଳାଭୂମି ମହୋତ୍ସବ ଅବସରରେ ଏମ୍ପାୟର ହୋଟେଲ ସମ୍ମୁଖରେ ଗୁଡ଼ି ଉଡା ଫେଷ୍ଟିଭାଲ ଓ ଗାନ୍ଧୀ ପାର୍କଠାରେ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଦର୍ଶକଙ୍କୁ ଝୁମାଇଲେ ସ୍ୱୟଂ ଓ ନବ୍ୟା

ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ପୁରୀ ବେଳାଭୂମି ମହୋତ୍ସବ। ଏଥିପାଇଁ ନୀଳାଦ୍ରି ବିଚ୍‌ରୁ ବଳିଆପଣ୍ଡା ବେଳାଭୂମି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଆକର୍ଷଣୀୟ କାର୍ଯ୍ୟକ୍ରମ ଚାଲିଛି। ପୁଣି ନୃତ୍ୟଗୀତରେ କମ୍ପୁଛି ବେଳାଭୂମି। ଏହି ଅବସରରେ ସୁନୀଲ ବେହେରାଙ୍କ ନୃତ୍ୟ ଦଳ ଚମତ୍କାର ପ୍ରଦର୍ଶନ କରିବା ପରେ ଶିଳ୍ପୀ ଆୟୁଷ ମହାପାତ୍ରଙ୍କ ଓଲଟା ଚିତ୍ର, ଦୁର୍ଗା ପାଣ୍ଡେଙ୍କ ଦ୍ୱାରା ପୁରୀର ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ବେଳାଭୂମିରେ ଦର୍ଶକଙ୍କୁ ଝୁମାଇଥିଲେ ଓଲିଉଡ୍ କଳାକାର ସ୍ୱୟଂ ପାଢୀ ଓ ମିସ୍ ନବ୍ୟା ଜୈତିଙ୍କ ଦଳ। ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଥିଲେ ଏହି ଦୁଇ କଣ୍ଠଶିଳ୍ପୀ। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଯୁବଗୋଷ୍ଠୀଙ୍କୁ ମତୁଆଲା କରିଥିଲେ। ସଂଗୀତ ଓ ନୃତ୍ୟରେ ସମବେତ ଶ୍ରୋତା ଓ ଦର୍ଶକଙ୍କୁ ଅଭିଭୂତ କରିଥିଲେ। ମହୋତ୍ସବ ଅବସରରେ ଚିତ୍ତାକର୍ଷକ ଲେଜର ଓ ଡ୍ରୋନ ଶୋ' ପ୍ରଦର୍ଶିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ସହ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ସାଂସ୍କୃତିକ ସଂଯୋଜକ ବଦ୍ରି ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଶ୍ୟାମପ୍ରକାଶ ସେନାପତି ଓ ବସନ୍ତ କୁମାର ପ୍ରଧାନ। ଏହି କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ବିଚ୍‌ରେ ଅଭୂତପୂର୍ବ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଏହାକୁ ସଞ୍ଚାଳନ କରିଥିଲେ ଚନ୍ଦନ କୁମାର ସାହୁ।

## ପରିସ୍ରାଗାର ନାହିଁ, ହନ୍ତସନ୍ତ କଳାକାର

ପ୍ରବାସୀ ଭାରତୀୟ ଦିବସକୁ ନେଇ ରାଜଧାନୀରୁ ପୁରୀ ପର୍ଯ୍ୟନ୍ତ ସବୁଠି ବଡ଼ ଆୟୋଜନ। ପୁରୀ ବେଳାଭୂମିର ନୀଳାଦ୍ରି ବିଚ୍‌ଠାରୁ ବଳିଆପଣ୍ଡା ବିଚ୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ପୁରୀ ବେଳାଭୂମି ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପ୍ରବାସୀ ଭାରତୀୟଙ୍କୁ ଆକୃଷ୍ଟ କରିବା ଲାଗି ପୁଷ୍ପ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା, କାଇଟ୍ ଫେଷ୍ଟିଭାଲ, ଫୁଡ୍ ଫେଷ୍ଟିଭାଲ ସାଙ୍ଗକୁ ବିଭିନ୍ନ ପ୍ରକାର କଳାକୃତି ପ୍ରଦର୍ଶନ କରାଯାଉଛି। ୩ଟି ମଞ୍ଚ ମଧ୍ୟ ପ୍ରସ୍ତୁତ ହୋଇଛି। ବେଳାଭୂମି ମହୋତ୍ସବର ମଙ୍ଗଳବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଶତାଧିକ କଳାକାର ବିଭିନ୍ନ ପ୍ରକାର ମନୋମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଯେଉଁମାନଙ୍କ ମଧ୍ୟରେ ପ୍ରାୟ ୭୦ରୁ ଅଧିକ ମହିଳା କଳାକାର ସାମିଲ ଥିଲେ।

ହେଲେ ଦୁର୍ଭାଗ୍ୟର ବିଷୟ ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ପୁରୀରେ କଳାକାରଙ୍କ ପାଇଁ ଅସ୍ଥାୟୀ ପରିସ୍ରାଗାରଟିଏ ହୋଇପାରିଲା ନାହିଁ। ପୁରୁଷ କଳାକାରଙ୍କ କଥା ଛାଡନ୍ତୁ, ମହିଳା କଳାକାର କେଉଁଠି ପରିସ୍ରା କରିବେ ସେଥିପାଇଁ ହନ୍ତସନ୍ତ ହୋଇଥିଲେ। ମନ୍ତ୍ରୀ, ଅଧିକାରୀଙ୍କ ପାଇଁ ପରିସ୍ରାଗାର କରାଯାଇଥିବା ବେଳେ କଳାକାରଙ୍କ ପାଇଁ କେହି ଚିନ୍ତା କରି ନ ଥିଲେ। ଫଳରେ ବାଧ ହୋଇ ବେଳାଭୂମିର ଏଣେତେଣେ ବୁଲି ପରିସ୍ରା କରିଥିଲେ କଳାକାର।

## ପରିତ୍ୟକ୍ତ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ପୁରୀ,୭।୧(ସମିସ): ଟାଉନ ଥାନା ଅନ୍ତର୍ଗତ ବଳଭଦ୍ର ଗଳିର ଏକ ପରିତ୍ୟକ୍ତ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ପରିଚୟ ଜଣାପଡି ନ ଥିବାବେଳେ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ତେବେ ପାରିପାର୍ଶ୍ୱିକ ଅବସ୍ଥାରୁ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଛନ୍ତି ସ୍ଥାନୀୟବାସୀ। ଯୁବକଙ୍କ ମୁଣ୍ଡ ଏବଂ ନାକରୁ ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ଖବର ପାଇବା ପରେ ସନ୍ଧ୍ୟାରେ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

ପୁରୀ,୭।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶନିବାର ସଡ଼କ ସୁରକ୍ଷା ଜୀବନ ରକ୍ଷା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମ୍ରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଶ୍ୟାମପ୍ରକାଶ ସେନାପତି ଯୋଗଦେଇ ସଡ଼କ ସୁରକ୍ଷା ନିଜର ରକ୍ଷା, ଗାଡ଼ି ଚାଳନା ସମୟରେ ହେଲମେଟ୍ ବ୍ୟବହାର କରନ୍ତୁ ବୋଲି ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ରଞ୍ଜିତା ପଟ୍ଟନାୟକ, ଭାଗ୍ୟଶ୍ରୀ ସେଠୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ।

ଅସ୍ତରଙ୍ଗ ସାମ୍ପ୍ରାଦିକ ସଂଘର ଦାବି

## ମା' ମଙ୍ଗଳା ପୀଠ ଓ ଦେଉଳି ମଠକୁ ଦିଆଯାଉ ରଥଚକ



ପୁରୀ, ୭।୧ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବରର ଦାରୁ ସନ୍ଧାନ କ୍ଷେତ୍ର ଆଦ୍ୟସ୍ଥଳୀ କାକଟପୁର ମଙ୍ଗଳା ପୀଠ। ଦାରୁ ସନ୍ଧାନରେ ଦଇତାପତିମାନେ ଦେଉଳି ମଠରେ ରାତ୍ର ରହଣୀ କରି ମା'ଙ୍କ ସ୍ୱପ୍ନାଦେଶ ପରେ ଦାରୁ ଚୟନ କରାଯାଇଥାଏ। ଆଦିମ କାଳରୁ ଶ୍ରୀକ୍ଷେତ୍ର ସହ ପ୍ରାଚୀ କ୍ଷେତ୍ରର ସମ୍ପର୍କ ବେଶ୍ ନିବିଡ଼ ରହିଆସିଛି। ୧୯୬୯ ମସିହାରେ ମହାପ୍ରଭୁଙ୍କ ନବକଳେବର ସମୟରେ ଦେଉଳି ମଠ ପରିସରରୁ ସୁଦର୍ଶନଙ୍କ ଦାରୁ ଏବଂ ୧୯୯୬ ମସିହା ନବକଳେବର ସମୟରେ ଅସ୍ତରଙ୍ଗ ନିକଟସ୍ଥ ମାଳଦା ଗ୍ରାମରୁ ମା' ସୁଭଦ୍ରାଙ୍କର ଦାରୁ ମିଳିଥିଲା। ମାତ୍ର ଏଯାବତ୍ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ସ୍ଥିରୀକୃତ ଆଇନ ଅନୁସାରେ ଉପରୋକ୍ତ ପୀଠ ଏବଂ ସ୍ଥଳକୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରାଯାଇନାହିଁ। ବିଳମ୍ବରେ ହେଉପଛେ ଏବେ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ ସହ ଭିତ୍ତିଭୂମିର ବିକାଶ ଏବଂ ଆବଶ୍ୟକୀୟ ସହଯୋଗ କରିବାକୁ ଅସ୍ତରଙ୍ଗ ସାମ୍ପ୍ରାଦିକ ସଂଘ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ନିବେଦନ କରାଯାଇଛି। ମଙ୍ଗଳବାର ଅସ୍ତରଙ୍ଗର ସାମ୍ପ୍ରାଦିକମାନେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦେଉଳିମଠ, ମାଳଦା ଓ ମଙ୍ଗଳା ମନ୍ଦିରକୁ ଶ୍ରୀଜୀଉଙ୍କର ତିନିରଥର ସ୍ମାରକୀ ସ୍ୱରୂପ ୬ଟି ରଥଚକ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ସାମ୍ପ୍ରାଦିକ ସଂଘର ସମସ୍ତ ସଦସ୍ୟ ଓ ଦେଉଳି ମଠ ସେବାୟତ ମିଟୁ ରଞ୍ଜନ ଦିକ୍ଷୀତ, ବୁଦ୍ଧିଜୀବୀ ସ୍ୱପ୍ନେଶ୍ୱର ସାହୁ, ଡମ୍ବରୁଧର ପରିଡ଼ା, ଗଦାଧର ବିଶ୍ୱାଳ, ପ୍ରଫୁଲ୍ଲ ସେନାପତି, ପ୍ରତାପ ପରିଡ଼ାଙ୍କ ମିଳିତ ଉଦ୍ୟମରେ ଏକ ପ୍ରତିନିଧିମଣ୍ଡଳୀ ଶ୍ରୀମନ୍ଦିର ପ୍ରଶାସକ ଓ ପୁରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ଦଇତାପତି ସେବକ ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ଏହି ଦାବିକୁ ଯଥାର୍ଥତା ମନେ କରିବା ସହିତ ମା'ମଙ୍ଗଳାଙ୍କ ସ୍ୱାଭିମାନ ପାଇଁ ରଥଚକ ମଞ୍ଜୁର ନିମନ୍ତେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ ମଙ୍ଗଳାଙ୍କ ପୀଠକୁ ରଥଚକ ଯିବାକୁ ନିଷ୍ପତ୍ତି ନିଆଯିବ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ |
|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/21 | | | |
| 1 | ଡେପୁଟି ମ୍ୟାନେଜର (ଆର୍କାଇଭିଷ୍ଟ) | 1 | ଏମଏମଜିଏସ୍ II |
| ବିଜ୍ଞାପନ ସଂ. CRPD/SCO/2024-25/26 | | | |
| 1 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ | 150 | ଏମଏମଜିଏସ୍ II |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2025 ରୁ 23.01.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)


ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଆରମ୍ଭ

## 'ମୁକ୍ତି ପାଇଁ ଭକ୍ତି ହିଁ ଏକମାତ୍ର ମାଧ୍ୟମ'

ପୁରୀ,୭।୧(ସମିସ)




ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ୍ ୱାଇଡ୍ ତରଫରୁ ସ୍ଥାନୀୟ ପୌର ସଦନଠାରେ ମଙ୍ଗଳବାର ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ 'ଚିନ୍ତନ ଓ ଚେତନାରେ ମହାପ୍ରଭୁ ଶ୍ରୀଜଗନ୍ନାଥ' ଆରମ୍ଭ ହୋଇଛି। ସକାଳେ ଶ୍ରୀମନ୍ଦିର ପରିକ୍ରମା ସହିତ ସଂକୀର୍ତ୍ତନ ଶୋଭାଯାତ୍ରା ସିଂହଦ୍ୱାରଠାରୁ ଆସି ଟାଉନ ହଲ୍‌ରେ ପହଞ୍ଚିଥିଲା। ମୂରଲୀଧର ପଲାଇ ଓ ସାଥୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ସହସ୍ରନାମ ପାଠ ଓ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ବେଦପାଠ ସହିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆବାହନ କରାଯାଇଥିଲା। ଏହାପରେ ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ ଓ କ୍ରିଷ୍ଣା ଶତପଥୀଙ୍କ ଦ୍ୱାରା ପାରମ୍ପରିକ ଭଜନ, ନୃତ୍ୟଶିଳ୍ପୀ ରୋଜି ସ୍ୱାଇଁଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ ଏବଂ ନରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଶ୍ରୀଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ କରାଯାଇଥିଲା। ସମାବେଶର ମୁଖ୍ୟ ଆୟୋଜକ ଡ. ଭଗବାନ ପଣ୍ଡାଙ୍କ ସ୍ୱାଗତ ଭାଷଣ ପରେ ଦିବ୍ୟ ଜୀବନ ସଂଘ ଋଷିକେଶର ଉପାଧ୍ୟକ୍ଷ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଓ ଅନ୍ୟାନ୍ୟ ସାଧୁସନ୍ଥଙ୍କ ଉପସ୍ଥିତିରେ ସମାବେଶ ଉଦ୍‌ଘାଟନ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ ଗଜପତି ମହାରାଜାଙ୍କ ବାର୍ତ୍ତା ପଠନ ପରେ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଦ୍ୱାରା ସମ୍ପାଦିତ ଅନୁଷ୍ଠାନର ସ୍ମରଣିକା 'ଦାରୁବ୍ରହ୍ମ' ଉନ୍ମୋଚିତ ହୋଇଥିଲା।

ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ କହିଥିଲେ ଯେ, ଭଗବତ ଦର୍ଶନ ଓ ସଂସାରରୁ ମୁକ୍ତି ପାଇଁ ଭକ୍ତି ହିଁ ଏକମାତ୍ର ମାଧ୍ୟମ। ଦିବ୍ୟ ଜୀବନ ସଂଘର ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ କହିଥିଲେ ଯେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିଦେଲେ ଜୀବାତ୍ମା ପରମାତ୍ମାଙ୍କ ସହ ଏକାକାର ହୋଇଯାଏ। ବିଶ୍ୱାତ୍ମା ଚେତନା ପରିଷଦ ବଲାଙ୍ଗୀରର ଅଧ୍ୟକ୍ଷ ପୂଜ୍ୟ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନାନନ୍ଦ ସରସ୍ୱତୀ କହିଥିଲେ ଜଗତର ଚିନ୍ତନ ତ୍ୟାଗ କଲେ ଶ୍ରୀଜଗନ୍ନାଥଙ୍କ ଚିନ୍ତନ ଆରମ୍ଭ ହୁଏ। ଡ. ଗୁରୁ ପ୍ରସାଦ ମହାପାତ୍ର ଓ ତାପସ ରାଜଙ୍କ ସଂଯୋଜନାରେ ଏହି ଅଧିବେଶନରେ ସଂଗ୍ରାମ କେଶରୀ ପଟ୍ଟନାୟକ (ନାଇଜେରିଆ), ଡ. ହରପ୍ରସନ୍ନ ଦାସ (ଭାରତ), ସୁକାନ୍ତ ସାହୁ (ଲଣ୍ଡନ), ଡ. ଆଦିତ୍ୟ ପରିଡା (ସ୍ୱିଡେନ) ଓ କୁନା ଦାଶ (ଜାପାନ) ନିଜର ବକ୍ତବ୍ୟ ରଖିଥିଲେ। ଅପରାହ୍ନ ଅଧିବେଶନରେ ରାମକୃଷ୍ଣ ମିଶନର ପୂଜ୍ୟ ସ୍ୱାମୀ ଅଭୟାନନ୍ଦ ମହାରାଜ ଓ ପୂଜ୍ୟ ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ ହୃଦୟରେ ଶ୍ରୀଜଗନ୍ନାଥଙ୍କୁ ଅନୁଭବ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ତିମ ଅଧିବେଶନରେ ତରୁଣ ଅଗସ୍ତି (ଅଷ୍ଟ୍ରେଲିଆ), ଅନନ୍ତ ସାବତ (ନାଇଜେରିଆ), ସୁକାନ୍ତ ସାହୁ (ଲଣ୍ଡନ) ଓ କାଳୀପଦ ତ୍ରିପାଠୀ (ଜାପାନ) ନିଜ ନିଜର ବକ୍ତବ୍ୟ ରଖିଥିଲେ। ଜାନୁଆରୀ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମାବେଶରେ ୪୩ଟି ଦେଶର ଜଗନ୍ନାଥପ୍ରେମୀ ଓ ପ୍ରସାରକମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦାମ ପ୍ରଧାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା।


! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !




୧୦୮
EMRI GREEN HEALTH SERVICES
ନିଯୁକ୍ତି ସୁଯୋଗ
୧୦୮ ଆମ୍ବୁଲାନ୍ସ ସେବା
ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍ଏମ୍‌ଭି (କମରସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୁର୍ଦ୍ଧ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସିଂ) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଦ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁୟାରୀ ୨୦୨୫ ରୁ ୧୮ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି ଠିକାଦାରୀଙ୍କୁ ନିଯୋଜିତ କରାଯାଇନାହିଁ। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।

ସକାଳ THE SAKALA



## ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# କର୍ତ୍ତବ୍ୟରେ ଅବହେଳା ଯୋଗୁଁ ସମ୍ପାଦକ ନିଲମ୍ବିତ

ନୟାଗଡ଼,୭ ।୧(ସମିସ)

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କୁ ପରିଚାଳନା ପରିଷଦ ନିଷ୍ପତ୍ତି କ୍ରମେ ବ୍ୟାଙ୍କ ସଭାପତି ନିଲମ୍ବନ କରିଛନ୍ତି । କର୍ତ୍ତବ୍ୟରେ ଅବହେଳା, ବିନା ଛୁଟି ଦରଖାସ୍ତରେ ଛୁଟିରେ ରହିବା, ଆର୍ଥିକ ଅନିୟମିତତା, ପରିଚାଳନା କମିଟିକୁ ଅବମାନନା କରିବା କାରଣରୁ ଏଭଳି କରାଯାଇଥିବା ଜଣାପଡ଼ିଛି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ଓଡ଼ିଶା ସମବାୟ ବ୍ୟାଙ୍କ କର୍ମଚାରୀ । ତାଙ୍କୁ ନୟାଗଡ଼ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏଠାରେ ସେ ଏଭଳି କାର୍ଯ୍ୟ କରିବା କାରଣରୁ ଗତ ସପ୍ତାହରେ ପରିଚାଳନା ପରିଷଦ ସମ୍ପାଦକଙ୍କୁ ବ୍ୟାଙ୍କ କାର୍ଯ୍ୟରୁ ନିବୃତ୍ତ କରିଥିଲେ । ଯାହାକୁ ନେଇ ପ୍ରାୟୋଜିତ ଭାବେ ନିୟମ ବହିର୍ଭୁତ ସମବାୟ ବିଭାଗ ରେଜିଷ୍ଟ୍ରାର ସ୍ଥଗିତା ଦେଶ ପ୍ରଦାନ କରିଥିଲେ ।




କେଶପାନିଆ ପ୍ୟାକ୍ସ ସଭାପତିଙ୍କ ଅଭିଯୋଗ ଆଧାରରେ ଏହି ଷ୍ଟେ ଅଣାଯାଇଥିଲା । ଯାହାକୁ ନେଇ ସୋମବାର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ପରିଚାଳନା ପରିଷଦ ବୈଠକ ଆହ୍ୱାନ କରାଯାଇଥିଲା । ଏହି ବୈଠକରେ ସମ୍ପାଦକ ଅନୁପସ୍ଥିତ ରହିବା ସହ ପ୍ରୋସିଡିଂ ବହିକୁ ମଧ୍ୟ ଗାଏବ କରିଥିବା ଦେଖା ଯାଇଥିଲା । ବ୍ୟାଙ୍କରେ ବ୍ୟାପକ ଆର୍ଥିକ ଅନିୟମିତତା ସହ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଅବମାନନାକୁ ନେଇ ପରିଷଦ ତାଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ । ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ ତାଙ୍କୁ ନିଲମ୍ବନ କରିଥିବା ବେଳେ ଆଜି ପରିଷଦ ସଦସ୍ୟ ଓ ବ୍ୟାଙ୍କ ଗ୍ରାହକ ବ୍ୟାଙ୍କ ଭିତରେ ତାଙ୍କୁ ପଶିବାକୁ ଦେଇନଥିବା ଦେଖା ଯାଇଛି । ଏନେଇ ନିଲମ୍ବିତ ସମ୍ପାଦକଙ୍କ ମତାମତ ମିଳିନଥିବା ବେଳେ ସଭାପତି ଶ୍ରୀ ସାହୁ ଓ ସଦସ୍ୟ ବ୍ୟାଙ୍କରେ ସମ୍ପାଦକ କରିଥିବା ଅନିୟମିତତା ସମ୍ପର୍କରେ କମ୍ ଦିନ ମଧ୍ୟରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ପ୍ରଦାନ କରାଯିବ ବୋଲି କହିଛନ୍ତି ।

ଏଠାରେ ପ୍ରକାଶଯୋଗ୍ୟ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଇନକମ୍ ଟାକ୍ସ ନୋଟିସକୁ ନେଇ ଘାଣ୍ଟି ହେଉଥିବା ବେଳେ ବ୍ୟାଙ୍କ ଉପରେ ୩୬୫ କୋଟି ଟିକସ ଜରିମାନା କରାଯାଇଛି । ସେହିଭଳି ଭାବେ ଜିଲ୍ଲାର ସମସ୍ତ ପ୍ୟାକ୍ସ ଉପରେ ମଧ୍ୟ ଜରିମାନା ରହିଛି । ଏହାକୁ ନେଇ ବ୍ୟାଙ୍କ ପକ୍ଷରୁ ଏକ ଫାର୍ମକୁ ଉକ୍ତ ମାମଲା ପରିଚାଳନା ପାଇଁ ୨ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ଏହାକୁ ନେଇ ଜିଲ୍ଲାରେ ରାଜନୈତିକ ବାତାବରଣ ଉଷ୍ମ ରହିଛି । ଇନ୍‌କମ ଟାକ୍ସ ପ୍ରସଙ୍ଗରେ ଯଦି କିଛି ଅନିୟମିତତା ହୋଇଛି, ତାହାର ଯାଞ୍ଚ କରିବା ପାଇଁ ପରିଚାଳନା ପରିଷଦ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ମିଳିଛି ।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ନୟାଗଡ଼,୭ ।୧(ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ନୂଆଗାଁ ଥାନା ମହିପୁର ରେଲୱେ ଓଭରବ୍ରିଜ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ମୃତ୍ୟୁବରଣ କରିଥିଲା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ, ଭାଟସାହି ଗାଁର ଶତ୍ରୁଘ୍ନ ବେହେରା । ଦୁଇ ଗୁରୁତର ହେଲେ ମାଙ୍କପଲ୍ଲି ଗାଁର ଶିବ ନାୟକ ଏବଂ ନିବାସୀ ରାଉତ । ଦୁଇ ଗୁରୁତରଙ୍କୁ ପ୍ରଥମେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଶତ୍ରୁଘ୍ନ, ଶିବ ଏବଂ ନିବାସୀ ଗୋଟିଏ ବାଇକ୍‌ରେ ନୂଆଗାଁରୁ ନୟାଗଡ ଅଭିମୁଖେ ଆସୁଥିବାବେଳେ ଓଭରବ୍ରିଜ ନିକଟରେ ଏକ ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା । ଫଳରେ ଘଟଣାସ୍ଥଳରେ ଶତ୍ରୁଘ୍ନଙ୍କର ମୃତ୍ୟୁ ହୋଇଥିଲା । ମହିପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା । ଟ୍ରାକ୍ଟର ଚାଳକ ଗାଡ଼ି ଧରି ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି ।

## ୧୯୮୫ ମ୍ୟାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



**ଓଡ଼ଗାଁ,୭ ।୧(ସମିସ):** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ରଘୁନାଥ ବିଦ୍ୟାପୀଠ ୧୯୮୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ବ୍ଲକ୍ ରୋଡ଼ ସରକାରୀ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଉତ୍ସବ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ପାତ୍ର, କୁମାର ଦେବଦତ୍ତ, ସୁକାନ୍ତ କୁମାର ବାରିକ, ଚିତ୍ତରଞ୍ଜନ ଦାଶ ଓ ସାରସ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ରଘୁନାଥ ବିଦ୍ୟାପୀଠ ତଥା ବର୍ତ୍ତମାନର ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୨୫ରୁ ଉର୍ଦ୍ଧ୍ୱ ସହପାଠୀ ଏକାଠି ହୋଇ ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ । ତତ୍କାଳୀନ ଛାତ୍ରବତ୍ସଳ ଶିକ୍ଷକଙ୍କ ସହିତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମହାନ୍ତିଙ୍କ ବଳିଷ୍ଠ ଶିକ୍ଷାଦାନ ଯୋଗୁଁ ଏହି ବ୍ୟାଚର ସମସ୍ତ ଛାତ୍ର ଶୃଙ୍ଖଳିତ ଭାବେ ସମାଜରେ ଠିଆହୋଇ ପାରିଥିବାରୁ ଶିକ୍ଷକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଓଡ଼ଗାଁ ଏନ୍‌ଏସିରେ ନିର୍ମାଣ ହେବ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଓଡ଼ଗାଁ,୭ ।୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ଜନସାଧାରଣମାନଙ୍କୁ ସହର ଢାଞ୍ଚାରେ ଉତ୍ତମ ଓ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଓଡ଼ଗାଁରେ ଖୁବ୍‌ଶୀଘ୍ର ଏକ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଯାଉଛି । ଓଡ଼ଗାଁ କଲେଜ ରୋଡ୍ ସନ୍ତୋଷୀମା ମନ୍ଦିର ସାମ୍ନାରେ ଡାକ୍ତରଖାନା ଖୋଲିବା ନିମନ୍ତେ ଭଡ଼ା ଘର ପାଇଁ ଏଗ୍ରିମେଣ୍ଟ ହୋଇସାରିଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିଜସ୍ୱ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ଡାକ୍ତରଖାନାଟି ଭଡ଼ାରେ ଚାଲିବ । ପ୍ରଥମ ଅବସ୍ଥାରେ ଏଠାରେ ଜଣେ ଡାକ୍ତରଙ୍କ ସହିତ ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ, ଟେକେନିସିଆନ, ଫିଜୋଓଥେରାପିଷ୍ଟ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ପରୀକ୍ଷା ନିରୀକ୍ଷା ନିମନ୍ତେ ଆବଶ୍ୟକ ସାମଗ୍ରୀର ବ୍ୟବସ୍ଥା ରହିବ । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିବା ପରେ ବର୍ତ୍ତମାନ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ଚାପ ବହୁ ମାତ୍ରାରେ କମିଯିବ । ଫଳରେ ଉଭୟ ଡାକ୍ତରଖାନାରେ ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ।

## ଅଙ୍ଗନବାଡ଼ି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ନୟାଗଡ଼,୭ ।୧(ସମିସ):** ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଏଲ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର ଆସୋସିଏସନ୍ ପକ୍ଷରୁ ଆଜି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ସମେତ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲା ବିଭିନ୍ନ ବ୍ଲକର ଅଙ୍ଗନବାଡ଼ି ୱାର୍କର କର୍ମକର୍ତ୍ତାମାନେ ଏକାଠି ହୋଇ ବଜାର ଦରଦାମ ବୃଦ୍ଧି ଯୋଗୁଁ ଏସଏନପି ଖାଦ୍ୟ ରନ୍ଧନ ଏବଂ ଅଣ୍ଡା ବଣ୍ଟନରେ ବହୁତ ସମସ୍ୟା ଉପୁଜୁଛି ବୋଲି ଅଭିଯୋଗ କରିଛନ୍ତି । ଅଣ୍ଡା ବଜାର ମୂଲ୍ୟ ୮ ଟଙ୍କା ରହିଥିବା ବେଳେ ସରକାରଙ୍କ ପକ୍ଷରୁ ଅଣ୍ଡା ପାଇଁ ୫ ଟଙ୍କା ବ୍ୟବସ୍ଥା କରାଯାଇଛି । ସେହିଭଳି ଭାବେ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପାଇଁ ପ୍ରଦାନ କରାଯାଉଥିବା ଅର୍ଥରେ ଭୋଜନ ପ୍ରସ୍ତୁତ କରିବା ସମ୍ଭବ ହେଉନାହିଁ । ଯାହାକୁ ନେଇ ଏ ସମ୍ପର୍କରେ କିଛି ପଦକ୍ଷେପ ତଥା କିଛି ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏବଂ ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ଜ୍ୟୋସ୍ନାମୟୀ ପଣ୍ଡା, ଜିଲ୍ଲା ସମ୍ପାଦିକା ବିନୋଦିନୀ ଦେଇ, ଗୀତାଞ୍ଜଳି ସେଠୀ, ଜିଲ୍ଲା ସମ୍ପାଦକ ସୁକାନ୍ତ କୁମାର ମହାପାତ୍ର ଏବଂ ସମସ୍ତ ବ୍ଲକର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବିଜେପି ପାଇଁ ଅଡୁଆ ଗୋଷ୍ଠୀ କନ୍ଦଳ

**ନୟାଗଡ଼,୭ ।୧(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଶାସକ ବିଜେପି ଦଳରେ କର୍ମୀ ଯେତିକି ତାଠାରୁ ନେତା ଅଧିକ । କ୍ଷମତା ହାସଲ ପାଇଁ ଅନ୍ୟ ଦଳରୁ ଆମଦାନୀ କରି ଦଳର ଦାୟିତ୍ୱ ଦେଇ ଦଳକୁ ସିନା କ୍ଷମତାସୀନ କରାଇଦେଲେ ହେଲେ ଦଳକୁ ଗଢ଼ିଥିବା କର୍ମୀମାନେ ଏବେ ଅଲୋଡ଼ା ହୋଇ ବିଦ୍ରୋହ କରିବାକୁ ଆରମ୍ଭ କଲେଣି । ଏବେ ଖଣ୍ଡପଡ଼ା ବିଜେପିରେ ଦିନକୁ ଦିନ ନୂଆ ନେତା ଆବିର୍ଭାବ ହେବା ବିଧାୟକଙ୍କ ଲୋକପ୍ରିୟତା କମ ହେଉଥିବାର ପ୍ରମାଣିତ କରୁଛି । ବହୁବର୍ଷ ହେଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ବିଜେପିର ମୂଳଦୁଆ ପକାଇ ସଙ୍ଗଠନ ଚାଲୁ ରଖିଥିବା ଅଭିଳାଷ ପଣ୍ଡାଙ୍କୁ ଦଳ ଟିକେଟ ନ ଦେଇ ରାଜ୍ୟ ଯୁବ ସଭାପତି କରାଇ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରିଛନ୍ତି । ହେଲେ ନିର୍ବାଚନ ମଣ୍ଡଳୀରେ ଅଭିଳାଷଙ୍କୁ ଦଳର ପ୍ରମୁଖ ନେତା, ଯୁବକ ଓ ବୁଦ୍ଧିଜୀବୀମାନେ ଏବେ ବି ଖୋଜୁଛନ୍ତି । ସେ ଖଣ୍ଡପଡା ବ୍ଲକ ବଡ଼ଟାସରାରେ ଏକ ଯୁବ ସମାବେଶ କରି ନିଜର ଲୋକପ୍ରିୟତା ଦେଖାଇଛନ୍ତି । ଅପରପକ୍ଷରେ ପୂର୍ବରୁ ଅନ୍ୟ ଦଳରୁ ଦୁର୍ନୀତିଗ୍ରସ୍ତ ମୋହର ବାଜି ତଡା ଖାଇଥିବା ନେତା ଏବେ ଗେରୁଆ ରଙ୍ଗ ଲଗାଇ ସ୍ୱଚ୍ଛ ଭାବମୂର୍ତ୍ତି ଦେଖାଉଥିବାଙ୍କ କଥାରେ ବିଧାୟକ ଚାଲିବା ଦଳର ପୁରୁଖା କର୍ମୀଙ୍କୁ ବ୍ୟଥିତ କରିଛି । ଏହାଦ୍ୱାରା ଦଳର ଲୋକପ୍ରିୟତା ଦ୍ରୁତଗତିରେ କମିବାରେ ଲାଗିଛି । ଏପରିସ୍ଥଳେ ଦଳରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହଙ୍କ ସ୍ୱତନ୍ତ୍ର ଗୋଷ୍ଠୀ ରହିବା, ଦୀର୍ଘ ଦିନଧରି ସଙ୍ଗଠନ କରିଥିବା ଇଂ ଅର୍ଚ୍ଚନା ଦାଶଙ୍କ ଗୋଷ୍ଠୀ ମଧ୍ୟ ଏହି ଆମଦାନୀ ନେତାଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଖାଲି ଏତିକିରେ ବିଧାୟକଙ୍କ ସମାସ୍ୟା ରହିନାହିଁ । ବିଭୂତି ଭୂଷଣ ପଟ୍ଟନାୟକଙ୍କ ଭଳି ଯୁବ ଓ ନିର୍ବିବାଦୀୟ ଚେହେରାଙ୍କ ଦଳରେ ଆବିର୍ଭାବ ବିଧାୟକଙ୍କୁ ବ୍ୟାକଫୁଟକୁ ଠେଲି ଦେଇଛି । ଭାପୁର ମହୋତ୍ସବ ଭଳି ଏକ ସର୍ବଦଳୀୟ ଅନୁଷ୍ଠାନକୁ ବିଧାୟକ ସହଯୋଗ ନ କରିବା ଓ ବିରୋଧ କରିବା ଖୋଦ ବିଜେପିର ରାଜ୍ୟ ପଦାଧିକାରୀ ଓ ସ୍ଥାନୀୟ ଦଳର କର୍ମୀମାନଙ୍କୁ ବ୍ୟଥିତ କରିଛି । ବ୍ଲକ ଜନସାଧାରଣଙ୍କ ଭାବାବେଗ ସହ ଜଡ଼ିତ ମହୋତ୍ସବକୁ ଦଳର ଲୋକପ୍ରିୟତାରେ ସହାୟକ ନ କରି ଏହାକୁ ଦଳ ବିରୋଧୀ ବୋଲି ବିଧାୟକ ପ୍ରମାଣିତ କରିବା ଦଳକୁ ଭବିଷ୍ୟତରେ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଦଳ ଅନୁଭବ କରୁଛି । ବିଧାୟକ ଏପରି କାହିଁକି ଓ କାହା କଥାରେ କରୁଛନ୍ତି ତାହା ଦଳୀୟ କର୍ମୀ ଓ ନେତୃବୃନ୍ଦଙ୍କ ମଧ୍ୟରେ ଘଣ୍ଟା ଚକଟା ଚାଲିଛି ।

## ଜିଲ୍ଲାସ୍ତରୀୟ ଧାନକିଣା ଶୁଭାରମ୍ଭ

ଏଯାଏଁ ହୋଇନି ମିଲର ଆଟାଚ୍‌ମେଣ୍ଟ

ନୟାଗଡ଼,୭ ।୧(ସମିସ): ନୟାଗଡ଼ ଜିଲ୍ଲାରେ ଧାନ କିଣା ପାଇଁ ପ୍ୟାକ୍ସ ସହ ମିଲର ଆଟାଚ୍ ହୋଇନାହିଁ । କିନ୍ତୁ ଚଳିତବର୍ଷ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଧାନମଣ୍ଡି ଶୁଭାରମ୍ଭ କରାଯାଇଛି । ଜିଲ୍ଲା ଯୋଗାଣ ବିଭାଗ ତରଫରୁ ବାହାଡାଝୋଲା ନିୟନ୍ତ୍ରିତ ବଜାର ପରିସରରେ ବାଚସ୍ପତି ସୁରମା ପାଢ଼ୀ ଏହାକୁ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ଯୋଗାଣ ଅଧିକାରୀ ବଜେନ୍ଦ୍ର ମହାନ୍ତି, ବଜାର କମିଟିର ସମ୍ପାଦକଙ୍କ ସମେତ ମିଲର ଏବଂ ଚାଷୀ ଯୋଗ ଦେଇଥିଲେ । ଆଜିଠାରୁ ଜିଲ୍ଲାରେ ଥିବା ୧୫୩ଟି ସେବା ସମବାୟ ସମିତିର ୧୬୮ଟି ଧାନ ସଂଗ୍ରହ କେନ୍ଦ୍ରରେ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରିବାକୁ କୁହାଯାଇଛି ।



ଚଳିତବର୍ଷ ଜିଲ୍ଲାରେ ୫୩ ହଜାର ୮୩୯ ଜଣ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କ ନାମ ପଞ୍ଜିକୃତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୧୨ ଲକ୍ଷ ୯୦ ହଜାର ୨୯୪ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରିବାକୁ ଟାର୍ଗେଟ୍ ମିଳିଛି । ଏଥିପାଇଁ ୧୫ ଜଣ ମିଲର୍‌ଙ୍କ ସହିତ ଚୁକ୍ତିନାମା ହୋଇଥିବା ଜିଲ୍ଲା ଯୋଗାଣ ଅଧିକାରୀ କହିଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ଚଳିତବର୍ଷ ଚାଷୀ ନିଜର ଉତ୍ପାଦିତ ସମସ୍ତ ଧାନକୁ ମଣ୍ଡିରେ ବିକ୍ରୟ କରିପାରିବେ । ଚାଷୀ ଭାଇମାନେ କଳା ବେପାରୀଙ୍କ କଥାରେ ନପଡି ଏଫ୍‌ଏକ୍ୟୁ ମାନର ଧାନ ସମବାୟ ସମିତିକୁ ଦେଇ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ୩୧୦୦ ଟଙ୍କା ନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଅଦିନିଆ ବର୍ଷାରେ ବହୁ ଧାନ ନଷ୍ଟ ହୋଇଯାଇଥିବାରୁ ଚାଷୀ ଧାନକୁ ଶୁଖାଇ ମଣ୍ଡିକୁ ଆଣିବାକୁ ସମୟ ଦରକାର ଥିବାରୁ ସରକାର ଜିଲ୍ଲାରେ ମଣ୍ଡି ଖୋଲିବାରେ ବିଳମ୍ବ କରିଥିଲେ ବୋଲି ବାଚସ୍ପତି କହିଛନ୍ତି । ଚାଷୀମାନେ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ସେ ଅନୁରୋଧ କରିଛନ୍ତି । ଏହାସହିତ ମିଲରମାନେ ତୁରନ୍ତ ଚାଷୀଙ୍କ ଧାନ ଉଠାଇବାକୁ ବ୍ୟବସ୍ଥା କରିବାକୁ ସେ କହିଛନ୍ତି । ପ୍ୟାକ୍ସ ସହ ମିଲର ଆଟଚ୍ ହୋଇନଥିବା ବେଳେ ପ୍ୟାକ୍ସକୁ ଧାନ କିଣିବା ପାଇଁ ଟାର୍ଗେଟ ମଧ୍ୟ ମିଳିନାହିଁ । ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ମଣ୍ଡି ଶୁଭାରମ୍ଭ ପ୍ରଥମ ତାରିଖ ବାତିଲ ପରେ ଆଜି କେବଳ ନାମକୁ ମାତ୍ର ମଣ୍ଡି ଉଦ୍‌ଘାଟନ କରିଥିବା ଆଲୋଚନା ହେଉଛି ।

● ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମାଡ଼ ଘଟଣା

## ଥାନାରେ ହାଜର ହେଲେନି ଓଡ଼ିଆ ଅଧ୍ୟାପକ

**ନୟାଗଡ଼,୭ ।୧(ସମିସ):** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକଙ୍କୁ ଓଡ଼ିଆ ବିଭାଗ ଅଧ୍ୟାପକ ବାନାମ୍ବର ପୃଷ୍ଟି ମାଡ଼ ମାରିବା ଘଟଣାରେ ଟାଉନଥାନା ପୁଲିସ ମାମଲା ରୁଜୁ କରିଛି । ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରା ସରିଛି । ଓଡ଼ିଆ ଅଧ୍ୟାପକଙ୍କୁ ଥାନାରେ ହାଜର ହୋଇ ନିଜର ପକ୍ଷ ରଖିବା ପାଇଁ ତାଙ୍କୁ ପ୍ରଥମେ ଥାନାକୁ ଆସିବାକୁ ପୁଲିସ ଡାକିଥିଲା । ସେ ଅସୁସ୍ଥ ଥିବା ଏବଂ କଟକ ମେଡିକାଲରେ ଚିକିତ୍ସିତ ଥିବା କହି ଏଡ଼ାଇ ଯାଇଥିଲେ । ଟାଉନଥାନା ପକ୍ଷରୁ ତାଙ୍କୁ ନୋଟିସ ପଠାଯାଇଥିଲା । ୭ ତାରିଖ ଥାନାରେ ହାଜର ହେବା ପାଇଁ ତାଙ୍କୁ ନୋଟିସ ପଠାଯାଇଥିବା ବେଳେ ଓଡ଼ିଆ ଅଧ୍ୟାପକ ପୁଲିସ ନୋଟିସକୁ ହେୟ ମନେ କରିଥିବା ଜଣାପଡିଛି । ନୋଟିସ ସମ୍ପର୍କରେ ନିଜେ ନଆସି କିମ୍ବା କୌଣସି ଉତ୍ତର ନଦେବା ଆଇନକୁ ଆଖିଠାର ସଦୃଶ ହୋଇଛି । ଗତ ୩୦ ତାରିଖରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ମହାବିଦ୍ୟାଳୟ ପରିସରରେ କୌଣସି କାର୍ଯ୍ୟ ଶେଷ କରି ଚାମ୍ବରକୁ ଫେରୁଥିବା ସମୟରେ ଅଧ୍ୟାପକ ଶ୍ରୀ ପୃଷ୍ଟି ତାଙ୍କ ସହ ଯୁକ୍ତିତର୍କ କରିଥିଲେ । ପରେ ଏକ ଚାପୁଡ଼ା ମାରିଥିଲେ । ଏହା ଦେଖି ଅନ୍ୟ କର୍ମଚାରୀମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ଶ୍ରୀ ପୃଷ୍ଟି ପୁଣି ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । ଏହାକୁ ନେଇ ମହାବିଦ୍ୟାଳୟରେ ଜରୁରୀ ଷ୍ଟାଫ୍ କାଉନସିଲିଂ ବୈଠକ ବସି ଅଧ୍ୟାପକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦିଆଯିବା ଏବଂ ନିନ୍ଦା ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା । ମହାବିଦ୍ୟାଳୟ ଅଧ୍ୟାପକ ଶ୍ରୀ ପୃଷ୍ଟି ଏକ ଜରୁରୀ କାଗଜରେ ଅଧ୍ୟକ୍ଷଙ୍କ ଦସ୍ତଖତକୁ ଜାଲିଆତି କରି ନିଜେ କରିଥିବା ନଜରକୁ ଆସିଛି । ଯାହାକୁ ନେଇ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ତାଙ୍କୁ ଓଡ଼ିଆ ବିଭାଗ ସଂଯୋଜକ ଦାୟିତ୍ୱରୁ ବାହାର କରି ଦେଇଥିବା ସୂଚନା ମିଳିଛି । ଏଥିରେ ଉତ୍କ୍ଷୀପ୍ତ ହୋଇ ଅଧ୍ୟାପକ ଶ୍ରୀ ପୃଷ୍ଟି ତାଙ୍କୁ ଆକ୍ରମଣ କରିଥିଲେ ।

ସଡ଼କ ସୁରକ୍ଷା ସପ୍ତାହ ପାଳିତ

## ଅମାନିଆଙ୍କୁ ହେଲ୍‌ମେଟ୍ ବଣ୍ଟନ



**ନୟାଗଡ଼,୭ ।୧(ସମିସ):** ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଆଜି ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ନୟାଗଡ଼ ପୁଲିସ, ପରିବହନ ବିଭାଗ, ସିଭିଲ ସୋସାଇଟି ଓ ବସ୍ ଆସୋସିଏସନ ପକ୍ଷରୁ ମିଳିତ ଭାବେ ଏହା ପାଳନ କରାଯାଇଛି । ଆଜିର ଏହି ଦିବସରେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ବିଭିନ୍ନ ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା । ଏଥି ସହିତ ଯେଉଁମାନେ ହେଲମେଟ ପିନ୍ଧି ନଥିଲେ ସତର୍କତା କରାଯିବା ସହ ହେଲମେଟ ପ୍ରଦାନ କରାଯାଇଥିଲା ।

ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଇଥିଲା । ଗାଡି ଚଳାଇବାବେଳେ ମୋବାଇଲରେ କଥାବାର୍ତ୍ତା ହେବା, ମଦ୍ୟପାନ କରି ଗାଡି ଚଳାଇବା, ହେଲମେଟ ନପିନ୍ଧିବା, ବାଇକ୍‌ରେ ତିନି ଜଣ ବସି ଯିବା ବ୍ୟକ୍ତିମାନଙ୍କୁ ସଚେତନ କରାଯିବା ସହ ସେମାନଙ୍କୁ ହେଲମେଟ ବଣ୍ଟନ କରାଯାଇଥିଲା । ଟ୍ରାଫିକ ନିୟମ ମାନୁନଥିବା ଲୋକମାନଙ୍କୁ ଯମ ରାଜ ବେଶରେ ସଚେତନତା କରାଯାଇଥିଲା । ନିୟମ ନମାନିଲେ ଯମରାଜଙ୍କ ପ୍ରହାର ସହ ଚିତ୍ରଗୁପ୍ତଙ୍କ ମାଧ୍ୟମରେ ଖୁବଶୀଘ୍ର ଯମପୁରକୁ ଜିବ ବୋଲି ସଚେତନତା କରାଯାଇଥିଲା । ପ୍ରତ୍ୟେକ ବ୍ୟକ୍ତି ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବା ନିହାତି ଜରୁରୀ ବୋଲି ସଚେତନ କରାଯାଇଥିଲା । ତେବେ ୯ ହଜାର ଚାଲାଣ କଟାଯିବା ସହ ୬୩ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଚାଲୁ ରହିବ ବୋଲି ସେ ପ୍ରକାଶ କରିଥିଲେ । ନିୟମ ନମାନିଲେ ନିଜ ପରିବାରର କ୍ଷତି ହେବ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ବସ୍ ଆସୋସିଏସନ୍‌ର ସଭାପତି ମନୋଜ ନାୟକ, ସମ୍ପାଦକ ସେକ୍ ଇସୁବ, ସିଭିଲ ସୋସାଇଟି ପକ୍ଷରୁ ଗୋଦାବରୀଶ ମିଶ୍ର, ଭଗବତୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ବନ୍ଦ ହେଲା ଏଟିଏମ୍ ସେବା

## ଟଙ୍କା ଉଠାଣ ପାଇଁ ଲୋକେ ହନ୍ତସନ୍ତ

**ଖଣ୍ଡପଡ଼ା,୭।୧(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡା ବଜାର ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର ପାଲଟିଥିବା ବେଳେ ଏଠାରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ ସେବା ଏବେ ବନ୍ଦ କରିଦିଆଯାଉଥିବା ନେଇ ଅଭିଯୋଗ ହୋଇଛି । ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମିଳିଥିବା ସୂଚନା ମୁତାବକ, ଦୀର୍ଘବର୍ଷ ହେବ ବାହାଡା ବଜାରରେ ଏହି ଏଟିଏମ କାର୍ଯ୍ୟକ୍ଷମ ଥିଲା । ତେବେ ବର୍ଷ ବର୍ଷ ଧରି ଏହି ଏଟିଏମ ମରାମତି କରାଯାଉନଥିବା ବେଳେ ମୌଳିକ ସୁବିଧା ମିଳୁନଥିବା ଅଭିଯୋଗ ହେଉଥିଲା । ବିଶେଷକରି ଏଟିଏମ ଡୋର ଭାଙ୍ଗିପଡିବା, ସୁରକ୍ଷା କର୍ମୀ ନ ରହିବା ଭଳି ସମସ୍ୟା ନେଇ ଅଭିଯୋଗ ହେଉଥିଲା । ତେବେ ସଂସ୍ଥା ପକ୍ଷରୁ ଏବେ ଉକ୍ତ ଏଟିଏମକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଥିବା ବେଳେ ତାହା ଆଗକୁ କାର୍ଯ୍ୟକ୍ଷମ ହେବ କି ନାହିଁ କୌଣସି ସୂଚନା ଫଳକ ଲାଗିନଥିବା ଦେଖିବାକୁ ମିଳିଛି । ଫଳରେ ଏଟିଏମ ଉପରେ ନିର୍ଭର କରୁଥିବା ୧୦ ପଞ୍ଚାୟତର ଶତାଧିକ ବାସିନ୍ଦା ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି । ଏପରିକି ଟଙ୍କା ଉଠାଣ ନିମନ୍ତେ ଏଣିକି ଖଣ୍ଡପଡ଼ା କିମ୍ବା ଭାପୁର ଯିବାକୁ ପଡିବ ବୋଲି ସୂଚନା ମିଳିଛି ।




ବେଲପା ପୋଲ ଓ ରାସ୍ତା ନିର୍ମାଣ ଦାବି

## ରାଜ୍ୟସ୍ତରୀୟ ଅଧିକାରୀଙ୍କ ପ୍ରତିଶ୍ରୁତି; ଅନଶନ ପ୍ରତ୍ୟାହୃତ

ନୟାଗଡ଼/ନୂଆଗାଁ,୭।୧(ସମିସ)

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ସୋରଡ଼ା ପଞ୍ଚାୟତ ନିକଟ ବେଲପା ନଦୀରେ ପୋଲ ଓ ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ ଦାବିରେ ସରପଞ୍ଚ ଓ ସମିତିସଭ୍ୟଙ୍କ ଅନଶନ ଦୀର୍ଘ ୬ ଦିନ ପରେ ମଙ୍ଗଳବାର ରାଜ୍ୟସ୍ତରୀୟ ଅଧିକାରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ଭଙ୍ଗ ହୋଇଛି । ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଚିଫ୍ କନ୍‌ଷ୍ଟ୍ରକ୍ସନ୍ ଇଞ୍ଜିନିୟର, ଭୁବନେଶ୍ୱର, ଅଶୋକ କୁମାର ବେହେରା ଉକ୍ତ କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ସାରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି । ବାରମ୍ବାର ପ୍ରତାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀ ଓ ଜନପ୍ରତିନିଧି ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ଅପେକ୍ଷା କରି ରହିଥିଲେ । ରାଜ୍ୟସ୍ତରୀୟ ଅଧିକାରୀ ପହଞ୍ଚିବା ପରେ ଜନସାଧାରଣ ଅନଶନରୁ ଓହରିଛନ୍ତି । ବିଧାୟକ, ଚିଫ୍ କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟର ଜୁସ୍ ଓ ପଇଡ଼ ପିଆଇ ଅନଶନ ଭଙ୍ଗ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ତହସିଲଦାର ହେମନ୍ତ ନାୟକ, ନୂଆଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଆର୍‌ଡି ଜେଇ ହିତାଞ୍ଜଳୀ ପଣ୍ଡା, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଦଳବେହେରା, କଣ୍ଟ୍ରାକ୍ଟର ରବିନାରାୟଣ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।



ମାର୍ଚ୍ଚ ୧୫ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

ବେଲପା ନଦୀର ପୋଲ ଭୁଶୁଡ଼ିବା ଘଟଣାକୁ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଛି । ଏଠାରେ ପୋଲ ସମେତ ୩.୫ କିମି ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ପାଇଁ ୩ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ୨୦୨୧ ନଭେମ୍ବର ୨୫ରୁ କାମ ଆରମ୍ଭ ହୋଇ ୨୦୨୨ ଅଗଷ୍ଟ ୨୪ରେ ଶେଷ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ପାଲ୍ ଆଣ୍ଡ ପାଲ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ୍ ଲିମିଟେଡ୍‌କୁ କାମ କରିବା ପାଇଁ ଅନୁମତି ମିଳିଥିଲା । ସମୟ ଅବଧି ଶେଷ ହୋଇଥିବାବେଳେ ଆଜି ପର୍ଯ୍ୟନ୍ତ ପୋଲ କିମ୍ବା ରାସ୍ତା ନିର୍ମାଣ କାମ ଶେଷ ହୋଇନଥିବା ଦେଖାଯାଇଛି । ପୋଲ ନିର୍ମାଣ କାମ ୪୦ ପ୍ରତିଶତ ଶେଷ ହୋଇ ନ ଥିବାବେଳେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ପୋଲ ନିକଟରେ ନିର୍ମାଣ କରାଯାଉଥିବା ଡାଇଭର୍ସନ ରାସ୍ତା ୭ ଥର ଭୁଶୁଡ଼ି ପଡ଼ିଥିବା ଦେଖାଯାଇଛି । ସୋରଡ଼ା, ଲୁଣିସରା ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀ ଜଗନ୍ନାଥ ପ୍ରସାଦ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନାକୁ ଯାଆସ କରିବା ପାଇଁ ପ୍ରତ୍ୟେକ ଦିନ ହଇରାଣ ହେଉଛନ୍ତି । ଦୁଇ ଦୁଇ ଥର ଛାତ୍ରଛାତ୍ରୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ ମଧ୍ୟ କିଛି ସୁଫଳ ମିଳିନଥିବା ଜଣାପଡ଼ିଛି । ବିଭାଗୀୟ ଅଧିକାରୀମାନେ କେବଳ ମିଛ ଆଶ୍ୱାସନା ଦେଉଥିବାବେଳେ ବାସ୍ତବରେ କେବେ ସମସ୍ୟା ଦୂରୀଭୂତ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଗତ ୨ ତାରିଖଠାରୁ ସରପଞ୍ଚ ଫକୀର ମୋହନ ସାହୁ, ସମିତିସଭ୍ୟ ସୁଶାନ୍ତ କୁମାର ସାହୁଙ୍କ ସହ ଜଗନ୍ନାଥ ପ୍ରସାଦ ଗ୍ରାମ୍ୟ କମିଟିର ସଭାପତି ସନ୍ତୋଷ ପ୍ରଧାନ, ପ୍ରଭାତ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ବିଜୟ କୁମାର ଡାକୁଆ, ମାନସ ପ୍ରଧାନ, ସୁବାସ ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଅନଶନରେ ସାମିଲ୍ ହୋଇଥିଲେ । ଏନେଇ ଚିଫ୍ କନ୍‌ଷ୍ଟ୍ରକ୍ସନ୍ ଇଞ୍ଜିନିୟରଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ କଡ଼ା ତାଗିଦ୍ କରାଯାଇଛି । ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ପୋଲ ଓ ରାସ୍ତା କାମ ଯେନତେନ ପ୍ରକାରେ ଶେଷ କରାଯିବ । ଏଥିରେ କୌଣସି ଅବହେଳା କରାଯିବନାହିଁ । ତ୍ରୁଟି ହେଲେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହା ସହ କାର୍ଯ୍ୟର ବିବରଣୀ ମଧ୍ୟ ଲିଖିତ ଆକାରରେ ଦିଆଯାଇଛି ଏବଂ କାର୍ଯ୍ୟ ତଦାରଖ କରିବାର ଦାୟିତ୍ୱ ମଧ୍ୟ ଜଣେ ଜିଲ୍ଲାସ୍ତରୀୟ ନିର୍ବାହୀ ଅଧିକାରୀଙ୍କୁ ଦିଆଯାଇଛି ବୋଲି ଦୃଢ଼ତା ପ୍ରକାଶ କରିଛନ୍ତି । ବିଧାୟକ ଏବଂ ସମ୍ପୃକ୍ତ ଠିକାଦାର ମଧ୍ୟ ସଠିକ୍ ସମୟରେ କାର୍ଯ୍ୟ ସାରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ।

### ଅଦିନିଆ ବର୍ଷା କ୍ଷୟକ୍ଷତି ରିପୋର୍ଟ

# ୧୬୪୫୫ ହେକ୍ଟର୍ ଚାଷଜମିର ଫସଲ ନଷ୍ଟ

**ଖୋର୍ଦ୍ଧା,୭।୧(ସମିସ)**



ଧାନ ଅମଳ ବେଳେ ଅଦିନିଆ ବର୍ଷା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଅଦିନିଆ ବର୍ଷା ଯୋଗୁ ଜିଲ୍ଲାରେ ୧୬୪୫୫.୭୭ ହେକ୍ଟର ଚାଷଜମି ନଷ୍ଟ ହୋଇଥିବା ନେଇ ପ୍ରଶାସନ ରିପୋର୍ଟ ପ୍ରସ୍ତୁତ କରିଥିବାବେଳେ କ୍ଷୟକ୍ଷତି ଭରଣା ପାଇଁ ଜିଲ୍ଲାକୁ ସରକାର ୨୦ କୋଟି ୪ ଲକ୍ଷ ୨୦ ହଜାର ୪୯୭ ଟଙ୍କା ପ୍ରଦାନ କରାଯାଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାଯାଇଛି।

ପ୍ରକାଶ ଥାଉକି, ମୁଣ୍ଡଝାଳ ତୁଣ୍ଡରେ ମାରି ଚାଷୀ ବର୍ଷକର ଅମଳକୁ ଅନାଇଥିବାବେଳେ ଏହି ସମୟରେ ହଠାତ ଅଦିନିଆ ବର୍ଷା ଚାଷୀକୁ ଚିନ୍ତାଗ୍ରସ୍ତ କରିଥିଲା। ଗୋଟିଏ ପରେ ଗୋଟିଏ ହୋଇ ୩ଟି ଲଗାଣବର୍ଷା ଚାଷୀର ମନୋବଳକୁ ଭାଙ୍ଗି ଦେଇଥିବାବେଳେ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କଲେ ସରକାର। ଅଦିନିଆ ବର୍ଷା ଯୋଗୁ ଚାଷୀ ଲୁହ ନକାନ୍ଦି ଲହୁ କାନ୍ଦୁଥିବାବେଳେ କ୍ଷୟକ୍ଷତି ଆକଳନ ପାଇଁ ପ୍ରଶାସନ ପକ୍ଷରୁ ରାଜସ୍ୱ ଓ କୃଷି ବିଭାଗକୁ ନେଇ ସର୍ବେକ୍ଷଣ ଟିମ୍ ଗଠନ କରାଯାଇଥିଲା। ଏହି ଟିମ ବିଭିନ୍ନ ସ୍ଥାନରେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରୁଛନ୍ତି। ତେବେ ଜିଲ୍ଲା ପ୍ରଶାସନ ଆଡିସିନାଲ ଏସଆରସିଙ୍କୁ ଦେଇଥିବା ରିପୋର୍ଟ ଅନୁସାରେ ଜିଲ୍ଲାର କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ୨୦ କୋଟି ୪ ଲକ୍ଷ ୨୦ହଜାର ଟଙ୍କା ମଞ୍ଜୁର ହୋଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି ସୂଚନା ଦେଇଛନ୍ତି। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ବାବଦ ଅର୍ଥ ପ୍ରଦାନ କରିବାକୁ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଶ୍ରୀ ସନାପତି ପ୍ରକାଶ କରିଛନ୍ତି।

ତଥ୍ୟ ଅନୁସାରେ, ଜିଲ୍ଲାରେ ମୋଟ ୧୬୪୫୫.୭୭ହେକ୍ଟର ଚାଷଜମି ନଷ୍ଟ ହୋଇଛି। ତନ୍ମଧ୍ୟରେ ବାଲିଅନ୍ତା ବ୍ଲକରେ ୨୭୦୩.୬ ହେକ୍ଟର ଜମି ୩୩%ରୁ ଊର୍ଦ୍ଧ୍ୱ ନଷ୍ଟ ହୋଇଥିବାବେଳେ ବାଲିପାଟଣାରେ ୩୩୦୭.୮୧ହେକ୍ଟର, ଭୁବନେଶ୍ୱରରେ ୧୧୭.୬୬ ହେକ୍ଟର, ଜଟଣୀରେ ୩୯୦ହେକ୍ଟର, ଖୋର୍ଦ୍ଧାରେ ୨୬୫୭ ହେକ୍ଟର, ବେଗୁନିଆରେ ୨୨୮୨ ହେକ୍ଟର, ବୋଲଗଡ଼ରେ ୧୪୦୭ ହେକ୍ଟର, ଟାଙ୍ଗୀରେ ୧୯୮୭ ହେକ୍ଟର, ଚିଲିକାରେ ୯୪୫.୬ହେକ୍ଟର, ବାଣପୁରରେ ୬୫୮.୧ ହେକ୍ଟର ଜମିର ଫସଲ ୩୩%ରୁ ଅଧିକ ନଷ୍ଟ ହୋଇଛି। ତେବେ ଏଥିମଧ୍ୟରେ ୭୧୨୩.୧୧ ହେକ୍ଟର ଜମି ଜଳସେଚିତ ଥିବାବେଳେ ୯୩୩୨.୬୬ ହେକ୍ଟର ଜମି ଅଣଜଳସେଚିତ ରହିଛି।

### ● ଆଇଟିବିପିର ୬୩ତମ ସ୍ଥାପନା ଦିବସ

## ଦେଶ ପାଇଁ ଯବାନଙ୍କ ଭୂମିକା ଅତୁଳନୀୟ



**ଖୋର୍ଦ୍ଧା,୭।୧(ସମିସ):** ଖୋର୍ଦ୍ଧା ଉପକଣ୍ଠ ତରତୁଆସ୍ଥିତ ଇଣ୍ଡୋ-ତିବ୍ବତ ସୀମା ପୁଲିସ୍ ଖୋର୍ଦ୍ଧା ଶାଖା ପକ୍ଷରୁ ୬୩ତମ ସ୍ଥାପନା ଦିବସ ପାଳିତ ହୋଇଛି। ଏଥିରେ କେନ୍ଦ୍ରୀୟ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆଇଟିବିପି ଯବାନଙ୍କୁ ୬୨ ବର୍ଷର ଉତ୍ସର୍ଗୀକୃତ ସେବା ପାଇଁ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ଆଇଟିବିପି ଯବାନମାନେ ଭାରତର ସୀମା ସୁରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସମସ୍ତ ପ୍ରକାର କଠିନ ପରିସ୍ଥିତିରେ ଦେଶର ସୀମା ରକ୍ଷା କରିବାରେ ସେମାନଙ୍କର ଅଦମ୍ୟ ଉତ୍ସାହ, ପ୍ରତିବଦ୍ଧତା ଏବଂ ସଚେତନତାକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି। ଆଇଟିବିପି ମହାନିର୍ଦ୍ଦେଶକ ରାହୁଲ ରସଗୋତ୍ରା ସ୍ୱାଗତ ଭାଷଣ ଦେବା ଆଇଟିବିପି ଆଜି ୧ ଲକ୍ଷ କର୍ମଚାରୀଙ୍କୁ ନେଇ ଏକ ବୃହତ ଶକ୍ତି ଭାବରେ ଉଭା ହୋଇଛି ବୋଲି କହିଛନ୍ତି।

ଏହି ଅବସରରେ ଆଇଟିବିପିର ବିଭିନ୍ନ ବାଟାଲିୟନର ଯବାନଙ୍କୁ ଉତ୍ସର୍ଗୀକୃତ ସେବା କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଆଇଟିବିପିର ୪ ଜଣ ବରିଷ୍ଠ ସେନା ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ପ୍ରଦାନ କରାଯାଇଥିଲା। ଏଥିସହିତ ହିନ୍ଦୀରେ 'ଭାରତ-ତିବ୍ବତ ସୀମା ପୁଲିସର ଇତିହାସ' ଏବଂ ସେନାର ଇ-ସ୍ମାରକୀ ଉପରେ ଏକ ପୁସ୍ତକ ମଧ୍ୟ ଡିଜିଟାଲ୍ ମାଧ୍ୟମରେ ଉନ୍ମୋଚିତ ହୋଇଥିଲା। ଶେଷରେ ଆଇଟିବିପିର ଅତିରିକ୍ତ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅବଦୁଲ ଗନି ମୀର ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ପ୍ରତିଷ୍ଠା ଦିବସ



**ଖୋର୍ଦ୍ଧା,୭।୧(ସମିସ):** ସ୍ଥାନୀୟ ବାଟମଙ୍ଗଳା ମନ୍ଦିର ପରିସରରେ ପ୍ରାଥମିକ ଶିକ୍ଷକ ସଂଘ (ଏୟୁପିଟିଏଫ) ଖୋର୍ଦ୍ଧା ବ୍ଲକ ସଭାପତି ଯୁଧିଷ୍ଠିର ସାହୁ ଓ ଜଟଣୀ ବ୍ଲକ ସଭାପତି ଜିତ୍ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ (ଏୟୁପିଟିଏଫ)ର ୮୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ଶିକ୍ଷକ ସମାଜକୁ ଏକାଠି କରି ଆଗକୁ ନେବାର ପ୍ରୟାସ ହିଁ ଆଜି ଦିନର ମୂଳମନ୍ତ୍ର ବୋଲି ସଭାପତି ଶ୍ରୀ ସାହୁ କହିଥିଲେ। ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା, ୪୨୦୦ ଗ୍ରେଡ ପେ' ପ୍ରଦାନ, ଶିକ୍ଷା ସହାୟକର ୬ବର୍ଷ ଅବଧି, ଶିକ୍ଷାକର୍ମୀର ୮ବର୍ଷ ଅବଧି ସମୟକୁ ମୂଳ ଚାକିରିରେ ଗଣନା କରିବା, ପୁରୁଣା ପେନ୍‌ସନ୍ ପ୍ରଚଳନ ଓ ଶିକ୍ଷକମାନଙ୍କର ପଦୋନ୍ନତି ବୈଠକରେ ଆଲୋଚନା ହୋଇଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ (ଏୟୁପିଟିଏଫ)ର ଆଲୋଚନା ପରେ ଶିକ୍ଷକ ସମସ୍ୟା ସମାଧାନ ହେବ ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର କର୍ମକର୍ତ୍ତାମାନେ ଆଶା ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା, ଜଟଣୀ ବ୍ଲକ ସମ୍ପାଦକ ଆକାଶ କୁମାର ମହାନ୍ତି, ଫୟାଜ୍ ଉଦ୍ଦିନ୍ ଖାନ୍, ସତ୍ୟ ମଲ୍ଲିକ, ରଶ୍ମି ଦାସ, ଜ୍ୟୋତିର୍ମୟୀ ନାୟକ, ଦିବ୍ୟସିଂହ ସୁବୁଦ୍ଧି, ପ୍ରତିମା ଜେନା, ରଶ୍ମିତା ନାୟକ, କୃଷ୍ଣଚନ୍ଦ୍ର ସାହୁ, ମାଧବ ଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ନିରାକାରପୁର,୭।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ୧୯୯୨ ମସିହା ଯୁକ୍ତ ୩ କଳା ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ମା' ଉଗ୍ରତାରାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ପାରିବାରିକ ସମାବେଶର ଆୟୋଜନ ହୋଇଥିବାବେଳେ ପ୍ରାୟ ୬୦ଟି ଗ୍ରାମର ବନ୍ଧୁମାନେ ଏକତ୍ରିତ ହୋଇ ଛାତ୍ର ଜୀବନର ଅଭୁଲା ସ୍ମୃତି ସବୁକୁ ନିଜ ଭିତରେ ବାଣ୍ଟିଥିଲେ। ପରିଶେଷରେ ଭାଇଚାରାର ସମ୍ପର୍କକୁ ଚିର ଅକ୍ଷୁଣ୍ଣ ରଖିବା ପାଇଁ ଏହି ବନ୍ଧୁମିଳନ ଉତ୍ସବକୁ ପ୍ରତିବର୍ଷ ପାଳନ କରିବା ପାଇଁ ସବୁ ସାଙ୍ଗମାନେ ନିଜର ସ୍ୱୀକାରୋକ୍ତି ପ୍ରକାଶ କରିଥିଲେ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର

**ବାଣପୁର,୭ ।୧(ସମିସ):** ସୋମବାର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରର ଉଦଘାଟନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ବାଣପୁର ଅଞ୍ଚଳର କରାଟେ ପ୍ରଶିକ୍ଷକ ଇଜାଉଲ ହକ୍, ଅଧ୍ୟାପକ ପ୍ରଶାନ୍ତ ଦାଶ, ମନୋଜ ମହାପାତ୍ର, ଅଧ୍ୟାପିକା ସୁଚିତ୍ରା ଦାଶ ଓ ଗ୍ରନ୍ଥାଗାରୀକ ଅକ୍ରୁର ପ୍ରଧାନ ପ୍ରମୁଖ ଯୋଗଦେଇ ଆଜିର ସମାଜରେ ମହିଳାମାନେ କିପରି ଅସୁରକ୍ଷିତ ଅଛନ୍ତି ଏବଂ ଛାତ୍ରୀମାନଙ୍କୁ ଜୀବନର ପ୍ରତିଟି କ୍ଷେତ୍ରରେ ନିର୍ଭିକ ଭାବେ ନିଜର ଆତ୍ମରକ୍ଷା କରିବା ସହ ସମସ୍ତ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପରାମର୍ଶ ଦେବା ସହ ସେ ଦିଗରେ ଏହି ଆତ୍ମରକ୍ଷା ତାଲିମ କିପରି ସହାୟକ ହେବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ତାଲିମ ଶିବିର ଆଠ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ବେଳେ ଯୁକ୍ତ ଦୁଇ ଶ୍ରେଣୀ ପ୍ରଥମ ବର୍ଷର ୧୫୭ ଜଣ ଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ଆତ୍ମରକ୍ଷା କୌଶଳ ମାନ ତାଲିମ ନେବେ। ଏହି ତାଲିମ୍ ଶିବିରକୁ କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ ପରିଚାଳନା କରିବାକୁ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ କଳ୍ପଶ୍ରୀ ପ୍ରଧାନ ଓ ଅର୍ଚ୍ଚନା ବେହେରା ତାଲିମ୍ ପ୍ରଦାନ କରିବେ। ବିଦ୍ୟାଳୟର କମ୍ପ୍ୟୁଟର ପ୍ରଶିକ୍ଷକ ଶିବ ଶଙ୍କର ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ଉକ୍ତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



### ମା' ଭଗବତୀଙ୍କ ମନ୍ଦିରର ଭିତର ହୁଣ୍ଡି ଗଣତି

## ମିଳିଲା ୧,୨୦,୭୬୭ ଟଙ୍କା ଓ ଅଳଙ୍କାର



**ବାଣପୁର/ଚିଲିକା,୭ ।୧(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମନ୍ଦିରର ଭିତର ହୁଣ୍ଡି ବାକ୍ସ ତିନି ମାସର ବ୍ୟବଧାନ ପରେ ମଙ୍ଗଳବାର ଖୋଲା ଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା, ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ମନ୍ଦିର କର୍ମଚାରୀ, ସେବାୟତ ଓ ସ୍ଥାନୀୟ ପୁଲିସ ଉପସ୍ଥିତ ରହି ମା' ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂଜାର୍ଚ୍ଚନା ପରେ ମା'ଙ୍କ ଭିତର ହୁଣ୍ଡି ବାକ୍ସକୁ ଖୋଲା ଯାଇଛି। ଉକ୍ତ ହୁଣ୍ଡି ବାକ୍ସରୁ ସମୁଦାୟ ୧ ଲକ୍ଷ ୨୦ ହଜାର ୭ ଶହ ୬୭ ଟଙ୍କା ସମେତ ୪ ଗ୍ରାମ ୯୬୦ ମିଲିଗ୍ରାମର ଏକ ରୁପା ମୁଦ୍ରା, ୪୫୦ ମିଲିଗ୍ରାମର ଦୁଇଟି ରୁପା ଝୁମ୍ପି ଓ ୧୬ କ୍ୟାରେଟ୍ ବିଶିଷ୍ଟ ୭ ମିଲିଗ୍ରାମ ଓଜନର ସୁନାର ଏକ ନାକ ଫୁଲ ସଂଗ୍ରହ କରାଯାଇଛି। ହୁଣ୍ଡିରୁ ମିଳିଥିବା ସମସ୍ତ ଅର୍ଥକୁ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ମା'ଙ୍କ କାର୍ଯ୍ୟାଳୟ ନାମରେ ଥିବା ଜମାଖାତାରେ ଜମା ରଖା ଯାଇଛି। ଏହି ଦାନ ଅର୍ଥ ମା'ଙ୍କ ଦୈନନ୍ଦିନ ନୀତିକାନ୍ତି ସେବାରେ ଲାଗିବ ବୋଲି ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟରେ କାର୍ଯ୍ୟାଳୟର କର୍ମଚାରୀ ଅକ୍ଷୟ ମିଶ୍ର, ସୁରେନ୍ଦ୍ର ସାହୁ, ଅଶ୍ୱିନୀ ମିଶ୍ର, କମଳ ମିଶ୍ର, ପରିଚ୍ଛା ପ୍ରକାଶ ମହାପାତ୍ର, ପାଳିଆ ମାଳି ସଞ୍ଜୟ ମହାପାତ୍ର ଓ ବସନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଧାନଗଦା ନଷ୍ଟକଲେ ହାତୀପଲ

**ବେଗୁନିଆ,୭।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଓ ଶଗଡ଼ଭଙ୍ଗା ପଞ୍ଚାୟତରେ ୧୫ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହୋଇ କଳେଇ ଗଦା ଓ ଘର ଭାଙ୍ଗି ନଷ୍ଟ କରି ଦେଇଛନ୍ତି। ସିକୋ ପଞ୍ଚାୟତ ଖଡ଼ିପଦର ଗ୍ରାମର ରାମ ନାୟକଙ୍କ ଫାର୍ମ ହାଉସରେ ହାତୀ ପଶି ଆମ୍ବ ଓ ପଣସ ଗଛ ଭାଙ୍ଗିବା ସହ ଚାରାଗୁଡିକ ନଷ୍ଟ କରିଦେଇଛନ୍ତି। ପ୍ରଫୁଲ୍ଲ ମାନସିଂହ ଓ ବିପିନ ପଲେଇଙ୍କ କୁକୁଡ଼ା ଫାର୍ମରେ ଲାଗିଥିବା ତାରଜାଲି, ଦୁଇ ମାଣ ଜମିର ଲାଗିଥିବା ବାଇଗଣ ବାଡିକୁ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ଝରି କିଶୋର ପଲେଇ କରିଥିବା ଇଟା ଫ୍ୟାକ୍ଟ୍ରି ଭିତରେ ପଶି ଶ୍ରମିକମାନଙ୍କ ଘର ଭାଙ୍ଗି ଦେଇଛନ୍ତି ହାତୀପଲ। ସେହିପରି ଶଗଡ଼ଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ବେତରଜଙ୍ଗ ଗ୍ରାମର ରାମଚନ୍ଦ୍ର ସେନାପତିଙ୍କର ବିଲରେ ଗଦା ହୋଇଥିବା ପ୍ରାୟ ୪ଶହ କଳେଇ ଓ ରାଉଳ ବେହେରାଙ୍କ ୨ ଶହ କଳେଇ ନଷ୍ଟ କରିଦେଇଛନ୍ତି। ଦୁର୍ଗାଚରଣ ସ୍ୱାଇଁଙ୍କର ବିଲରେ ବେଙ୍ଗଳା ପକାଇ ରଖିଥିବା ୨୫ ବସ୍ତା ଧାନ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି ହାତୀପଲ। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦାବି ଜୋର ଧରିଛି।



## ଗିନି କପ୍ କ୍ରିକେଟ: ଫାଇନାଲରେ ସୋଲାର୍ କ୍ଲବ୍

**ଖୋର୍ଦ୍ଧା,୭।୧(ସମିସ):** ଜିଲ୍ଲା କ୍ରିକେଟ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍‌ର ଦ୍ୱିତୀୟ ସଂସ୍କରଣର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସୋଲାର୍ କ୍ରିକେଟ୍ କ୍ଲବ ୬୯ ରନ୍‌ରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି।

ଆଜିର ମ୍ୟାଚ୍‌ରେ ଅତିଥିଭାବେ ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ରିଜିୱାନା କଅକବ ଯୋଗଦେଇ କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ସୋଲାର କ୍ଲବ କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭର୍‌ରେ ଦଳ ୮ ୱିକେଟ୍ ହରାଇ ୧୯୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ ମହାନ୍ତି ୩୨ ବଲ୍ ଖେଳି ସର୍ବାଧିକ ୮୨ ରନ୍ ସଂଗ୍ରହ କରିଥିବା ବେଳେ ସମ୍ବିତ୍ ବେଜ୍ ୨୭ ବଲ୍ ଖେଳି ୩୩ ରନ୍ ସଂଗ୍ରହ କରିଥିଲେ। ଜବାବରେ ଜାଗୃତି କ୍ରିକେଟ କ୍ଲବ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୨୯ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ନାୟକ ସର୍ବାଧିକ ୨୬ଟି ବଲ୍‌ରୁ ୪୯ ରନ୍ କରିଥିଲେ। ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ମନୋଜ ପ୍ରଧାନ, ବରିଷ୍ଠ ସଭ୍ୟ ଜିତେନ୍ଦ୍ର ବଲ୍ଲଭ ସାହୁ, ସୁକାନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସୋଲାର କ୍ଲବର ରାକେଶ ମହାନ୍ତିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ଅମ୍ପାୟାର ଭାବେ ପ୍ରୀତି ରଞ୍ଜନ ବିଜୟସିଂହ ଏବଂ ଅଜୟ ନାୟକ ପରିଚାଳନା କରିଥିବାବେଳେ ଜନ୍ମେଜୟ ଏବଂ ରବି ନାରାୟଣ ପରିଡ଼ା ସ୍କୋର ବୋର୍ଡ ପରିଚାଳନା କରିଥିଲେ। ଆସୋସିଏସନ୍ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କୋଷାଧ୍ୟକ୍ଷ ତନ୍ମୟ ବୋଷ, ବିଜୟ ଗୋଛି ଏବଂ ଦେବୀଶଙ୍କର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



### ● ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

## ଜଣେ ମୃତ; ୧ ଆହତ

**ବାଲୁଗାଁ,୭।୧(ସମିସ):** ୫ ନମ୍ବର ରାଜ୍ୟ ରାଜପଥର ବାଲୁଗାଁ ଥାନା ଅଧୀନ ଇଞ୍ଜନପୁରଗ୍ରାମ ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରେ ଜଣେ ବାଇକ୍ ଆରୋହୀ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ, ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳର ମତ୍ସ୍ୟଜୀବୀ ମହାସଂଘର ସଭାପତି ଭୀମସେନ ବେହେରାଙ୍କ ପୁତୁରା ଅର୍ଜୁନ ବେହେରା(୩୮) ଓ ଆହତ ଯୁବକ ହେଲେ, ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱରର ପଙ୍କଜ ସାହୁ।

ସୂଚନା ମୁତାବକ, ରମ୍ଭାର ଅର୍ଜୁନ ବ୍ୟବସାୟିକ କାର୍ଯ୍ୟରେ ଆସି ବାଇକ୍‌ରେ ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ପଙ୍କଜ ଗ୍ରାମରୁ କୌଣସି କାମରେ ଏକ ବାଇକ୍‌ରେ ବାଲୁଗାଁ ଆସୁଥିଲେ। ରାଜପଥ ରାସ୍ତା ବିପର୍ଯ୍ୟସ୍ତ ଯୋଗୁଁ ଭାରସାମ୍ୟ ହରାଇ ପରସ୍ପର ମୁହାଁମୁହିଁ ଧକ୍କା ହୋଇ ରାସ୍ତା ଉପରେ ପଡ଼ିଯାଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ନାଭାଲ ଫାଣ୍ଡିରୁ ଫେରୁଥିବା ବେଳେ ଦୁର୍ଘଟଣାସ୍ଥଳରେ ଅଟକି ଆହତଙ୍କୁ ଉଦ୍ଧାର କରିବା ସହ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ରମ୍ଭାର ଅର୍ଜୁନ ବେହେରାଙ୍କ ମୃତ୍ୟୁ ହୋଇଥିଲା।

### ● ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ

## ଆକ୍ୟୁଆ ଫୁଟ୍‌ବଲ କ୍ଲବ୍ ବିଜୟୀ

**ଟାଙ୍ଗୀ,୭।୧(ସମିସ):** ଟାଙ୍ଗୀ ଚିଲିକା ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ଦିନ ମ୍ୟାଚ୍ ଆକ୍ୟୁଆ ଫୁଟବଲ୍ ଏକାଡେମୀ, ରାଞ୍ଚି ସହିତ ହାୱାଡା ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ଟି ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଗୋଲ ଶୂନ୍ୟ ରହିବା ଫଳରେ ଟାଇବ୍ରେକର ମାଧ୍ୟମରେ ଆକ୍ୟୁଆ ଫୁଟବଲ୍ କ୍ଲବ ଚତୁର୍ଥ ସଡନ ଡେଥରେ ହାୱାଡା ସ୍ପୋର୍ଟିଂ କ୍ଲବ୍‌କୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ସମାଜସେବୀ ପ୍ରିୟ ରଞ୍ଜନ ପାତ୍ର, ଅଶ୍ୱିନୀ କୁମାର ପାତ୍ର, ଏମ୍ ଜିଏମ କମ୍ପାନୀ ମ୍ୟାନେଜର ଗୋବର୍ଦ୍ଧନ ସ୍ୱାଇଁ, ସଭାପତି ତଥା ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ସମାଜସେବୀ ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ଉପଦେଷ୍ଟା ବିଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ସୁଦୀପ ଦାସ। ସହାୟତା କରିଥିଲେ ପ୍ରିୟବ୍ରତ ବାହିନୀପତି, ଜିତେନ୍ଦ୍ର ପାତ୍ର ଓ ନନ୍ଦ କିଶୋର ସ୍ୱାଇଁ। ଆକ୍ୟୁଆ ଦଳର ୯ ନମ୍ବର ଖେଳାଳିଙ୍କୁ ସର୍ବେଶ୍ୱର ସୁନ୍ଦରାୟ ସ୍ମାରକୀ ଟ୍ରଫି ଓ ହାୱାଡା ଦଳର ୧୪ ନମ୍ବର ଖେଳାଳିଙ୍କୁ ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ପ୍ରଦାନ କରାଯାଇଥିଲା।

### ବନ୍ଦ ବିଦ୍ୟାଳୟ ଖୋଲିବା ପ୍ରସଙ୍ଗ

# ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଘୁଞ୍ଚୁନି ଫାଇଲ୍; ବଢୁଛି ଅସନ୍ତୋଷ

**ଖୋର୍ଦ୍ଧା,୭।୧(ସମିସ)**



ଟାଙ୍ଗୀ ବ୍ଲକ ସରପାରୀ ପଞ୍ଚାୟତ ବଘେଇପୁଟ ଗ୍ରାମରେ ବନ୍ଦ ହୋଇ ରହିଥିବା ପ୍ରାଥମିକ ବିଦ୍ୟାଳୟକୁ ଖୋଲିବା ଲାଗି ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଫାଇଲ ଘୁଞ୍ଚୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଅସନ୍ତୋଷ ବଢୁଛି। ଏନେଇ ଗ୍ରାମବାସୀ ପୁନର୍ବାର ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଟାଙ୍ଗୀ ବ୍ଲକ ସରପାରୀ ପଞ୍ଚାୟତ ବଘେଇପୁଟ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ୧୯୬୧ ମସିହାରେ ସ୍ଥାପନ ହୋଇଥିଲା। ଯେଉଁଥିରେ ୧ରୁ ୫ମ ଶ୍ରେଣୀ ଯାଏଁ ଶିକ୍ଷାଦାନ ବ୍ୟବସ୍ଥା ଥିଲା। ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିଯିବାରୁ ୨୦୧୭ ମସିହାରେ ଏହାକୁ ବନ୍ଦ କରାଯାଇଥିଲା। ସେହି ବିଦ୍ୟାଳୟର ପିଲାମାନେ ବଘେଇପୁଟଠାରୁ ପ୍ରାୟ ୩ କି.ମି ଦୂର ସଂଯୁକ୍ତ ହୋଇଥିବା ସରପାରୀ ଏମ.ଇ. ସ୍କୁଲରେ ପଢୁଛନ୍ତି। ଜଙ୍ଗଲ ରାସ୍ତା ଦେଇ ଖରାବର୍ଷାରେ ଯିବାରେ ଛାତ୍ରଛାତ୍ରୀମାନେ ହଇରାଣ ହେଉଛନ୍ତି। ଉକ୍ତ ଅଞ୍ଚଳ ଜଙ୍ଗଲିଆ ଅଞ୍ଚଳ। ହାତୀ ସାଙ୍ଗକୁ ପାତି ମାଙ୍କଡ଼ ପ୍ରଭୃତି ଜନ୍ତୁଙ୍କ ଭୟ ସଦାବେଳେ ରହିଛି। ଏଣୁ ପିଲାଙ୍କ ସୁରକ୍ଷା ନେଇ ଚିନ୍ତା ଲାଗି ରହୁଛି ବୋଲି ଅଭିଭାବକମାନେ କହିଛନ୍ତି। ଆର୍ଥିକ ସ୍ୱଚ୍ଛଳ ପରିବାର ପିଲାମାନେ ସରକାରୀ ସ୍କୁଲ ଛାଡି ଘରୋଇ ସ୍କୁଲରେ ପଢୁଛନ୍ତି। ଆର୍ଥିକ ସ୍ୱଚ୍ଛଳ ନଥିବା ଅଭିଭାବକଙ୍କ ପିଲାମାନେ ଉପଯୁକ୍ତ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ବଘେଇପୁଟ ବିଦ୍ୟାଳୟରେ ତିନିଟି ଶ୍ରେଣୀଗୃହ, ରୋଷେଇ ଘର, ପାଣି, ଶୌଚାଳୟ ଅନ୍ୟାନ୍ୟ ଭିତ୍ତିଭୂମି ଅଛି। ଏବେ ଗ୍ରାମବାସୀ ଏକାଠି ହୋଇ ଗାଁରେ ବନ୍ଦ ହୋଇଯାଇଥିବା ବିଦ୍ୟାଳୟକୁ ପୁଣି ଖୋଲିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ଆମ ଗ୍ରାମରେ ପୁଣି ଥରେ ଏହି ବିଦ୍ୟାଳୟ ଆରମ୍ଭ କରାଗଲେ, ଗ୍ରାମରେ ଶିକ୍ଷାର ପ୍ରଦୀପ ପୁଣି ପ୍ରଜ୍ୱଳିତ ହେବା ସହ ଶିକ୍ଷାର ବିକାଶ ଦିଗରେ ନୂତନ ଜାଗରଣ ସୃଷ୍ଟି କରିବ। ବର୍ତ୍ତମାନ ବିଦ୍ୟାଳୟ କାର୍ଯ୍ୟକଲେ ୩୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିବେ। ସରପାରୀ ସ୍କୁଲରେ ପଢୁଥିବା ପିଲାଙ୍କ ସହ ଘରୋଇ ସ୍କୁଲରେ ପଢୁଥିବା କେତେକ ଅଭିଭାବକ ଏନେଇ ସ୍ୱୀକୃତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିସହିତ ଶିଶୁଙ୍କ ବିକାଶ ଲାଗି ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଏଣୁ ଉପରୋକ୍ତ ଦାବିପ୍ରତି ପୁନର୍ବିଚାର କରି ଏଠାରେ ସ୍କୁଲ ପୁନଃ କାର୍ଯ୍ୟକ୍ଷମ ବ୍ୟବସ୍ଥା କରାଗଲେ, ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହ ଗ୍ରାମର ଗୌରବ ବୃଦ୍ଧି ପାଇବ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

### ବିପଦପୂର୍ଣ୍ଣ ରାସ୍ତାରେ ଅନ୍ୟ ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ

ସକାଳ THE SAKALA



www.sakalaepaper.com

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୮୦ • ପାଉଣ୍ଡ ୧୦୭.୯୯
- ୟୁରୋ ୮୯.୯୩ • ୟେନ୍ ୦.୫୪

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୭,୨୯୦ (ନୂଆଦିଲ୍ଲୀ)
- ରୁପା : ୯୧,୪୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୧୯୯.୦୦
- ନିଫ୍ଟି ୨୩,୭୦୭.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**ପୁଣି ଉପରମୁହାଁ ହେବ ମୁଦ୍ରାସ୍ଫୀତି**

# ବଢ଼ିବ ଅଟା, ସୁଜି, ମଇଦା ଦର

- ଏଫ୍‌ସିଆଇ ପାଖରେ ଗହମ ଅଭାବ
- ମିଲରଙ୍କୁ ହେଉନି ପର୍ଯ୍ୟାପ୍ତ ଯୋଗାଣ
- ଗତବର୍ଷ ତୁଳନାରେ ଯୋଗାଣରେ ବୃହତ୍ ହ୍ରାସ



ନୂଆଦିଲ୍ଲୀ, ୭ ।୧ (ଏଜେନ୍ସି)

ଅତ୍ୟାବଶ୍ୟକ ସାମଗ୍ରୀ କ୍ଷେତ୍ରରେ ଖାଉଟିଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ଆଗକୁ ମହଙ୍ଗା ହେବାକୁ ଯାଉଛି ଅଟା, ସୁଜି ଓ ମଇଦା ଦର। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ନିକଟରେ ଗହମର ଅଭାବ ଏଭଳି ପରିସ୍ଥିତି ସୃଷ୍ଟି କରିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଟା ମିଲ୍‌ଗୁଡିକୁ ପର୍ଯ୍ୟାପ୍ତ ପରିମାଣର ଗହମ ଯୋଗାଣ କରାଯାଉନାହିଁ। ଏଥିଯୋଗୁ ଆଗାମୀ ଦିନରେ ବଜାରରେ ଗହମଜାତ ସାମଗ୍ରୀ ଯଥା ଅଟା, ସୁଜି ଏବଂ ମଇଦା ମୂଲ୍ୟ ବଢ଼ିବ।

ବର୍ତ୍ତମାନ ଦେଶର ଅଟା ମିଲ୍‌ଗୁଡିକ ଆଡୁ ଗହମର ଚାହିଦା ବୃଦ୍ଧି ଯୋଗୁ ବଜାରରେ ଏହାର ଦର ରେକର୍ଡ ସ୍ତରରେ ପହଞ୍ଚିଛି। ନୂଆଦିଲ୍ଲୀରେ ଗହମ ମୂଲ୍ୟ ଟନ୍ ପିଛା ପ୍ରାୟ ୩୩,୦୦୦ ଟଙ୍କା କାରବାର ହେଉଛି। ତେବେ ଗତ ବର୍ଷ ଏପ୍ରିଲରେ ଏହା ୨୪,୫୦୦ ଟଙ୍କାରୁ ଅଳ୍ପ ଅଧିକ ରହିଥିଲା। ଗହମ ମୂଲ୍ୟରେ ବୃଦ୍ଧି ବଜାରରେ ଅଟା, ସୁଜି ଏବଂ ମଇଦା ମୂଲ୍ୟ ବଢ଼ାଇଲେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ଆହୁରି ବଢ଼ିବା ସମ୍ଭାବନା ରହିଛି। ଯଦି ମୁଦ୍ରାସ୍ଫୀତି ବୃଦ୍ଧି ହୁଏ, ତେବେ ଏହା ସୁଧ ହାର ହ୍ରାସ କରିବାକୁ ଆରବିଆଇର ନିଷ୍ପତ୍ତି ଉପରେ ପ୍ରଭାବ ପକାଇପାରେ। ଅଟା ମିଲ୍‌ଗୁଡିକର କହିବାନୁଯାୟୀ ବଜାରରେ ସମ୍ପ୍ରତି ଗହମ ଯୋଗାଣ କମ୍ ରହିଛି। ଗହମ ପାଇଁ ଏତେ ଉଚ୍ଚ ମୂଲ୍ୟ ଦେବା ସତ୍ତ୍ୱେ ଅଟା ମିଲଗୁଡିକ ସେମାନଙ୍କର ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିବାକୁ ସକ୍ଷମ ନୁହଁନ୍ତି। ଡିସେମ୍ବରରେ ମୂଲ୍ୟ ନିୟନ୍ତ୍ରଣ କରିବାକୁ ସରକାର ବ୍ୟବସାୟୀଙ୍କ ପାଇଁ ଷ୍ଟକ୍ ସୀମା ହ୍ରାସ କରିଥିଲେ। ତେବେ ସରକାରଙ୍କ ଏହି ପ୍ରୟାସ ମୂଲ୍ୟ ହ୍ରାସ କରିବାରେ ବିଫଳ ହୋଇଥିବା ଅଟା ମିଲ୍‌ଗୁଡକି କହିଛନ୍ତି।

ଅପରପକ୍ଷେ ଭାରତୀୟ ଖାଦ୍ୟ ନିଗମ ପ୍ରତି ସପ୍ତାହରେ ପାଇକାରୀ ଗ୍ରାହକଙ୍କୁ ୧ ଲକ୍ଷ ଟନ୍ ଗହମ ବିକ୍ରି କରୁଛି, କିନ୍ତୁ ଏହା ଚାହିଦା ପୂରଣ କରିବା ଲାଗି ପର୍ଯ୍ୟାପ୍ତ ନୁହେଁ। ନଭେମ୍ବରରେ ସରକାର ପାଇକାରୀ ଗ୍ରାହକଙ୍କୁ ରାଜ୍ୟ ଭଣ୍ଡାରରୁ ୨୫ ଲକ୍ଷ ଟନ୍ ଗହମ ବିକ୍ରି କରିବାକୁ ଯୋଜନା ଘୋଷଣା କରିଥିଲେ। ଗତ ଋତୁରେ ବିକ୍ରି ହୋଇଥିବା ପ୍ରାୟ ୧ କୋଟି ଟନ୍ ଗହମ ତୁଳନାରେ ଏହା ବହୁତ କମ୍। ବାସ୍ତବ କଥା ହେଉଛି ଏଫ୍‌ସିଆଇ ନିକଟରେ ସୀମିତ ଗହମ ଷ୍ଟକ୍ ରହିଛି, ଯେଉଁ କାରଣରୁ ଏହା ଘରୋଇ କମ୍ପାନୀମାନଙ୍କୁ ଅଧିକ ଗହମ ଯୋଗାଇବାରେ ସକ୍ଷମ ନୁହେଁ।

**ଫାଡା ରିପୋର୍ଟ**

# ଦୁଇଚକିଆ, ଯାତ୍ରୀବାହୀ ଗାଡ଼ି ବିକ୍ରିରେ ୯% ବୃଦ୍ଧି

ନୂଆଦିଲ୍ଲୀ,୭।୧(ଏଜେନ୍ସି): ୨୦୨୪ରେ ଏକ ଆହ୍ୱାନପୂର୍ଣ୍ଣ ବ୍ୟବସାୟିକ ପରିସ୍ଥିତି ସତ୍ତ୍ୱେ ଦେଶରେ ଗାଡ଼ି ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ସାଧାରଣ ନିର୍ବାଚନ ସମୟରେ ବଜାରରେ ମାନ୍ଦାବସ୍ଥା ଏବଂ ପାଣିପାଗର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସମ୍ପୂର୍ଣ୍ଣ ବର୍ଷରେ ଗାଡ଼ି ବିକ୍ରି ଉତ୍ସାହଜନକ ରହିଥଲା। ବିଶେଷ କରି ୨୦୨୪ରେ ଦୁଇ ଚକିଆ ଏବଂ ଯାତ୍ରୀବାହୀ ଗାଡ଼ିର ଖୁଚୁରା ବିକ୍ରିରେ ଅଭିବୃଦ୍ଧି ବାର୍ଷିକ ଭିତ୍ତିରେ ୯ ପ୍ରତିଶତ ରହିଥିଲା। ଫେଡେରେସନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏନ (ଫାଡା) ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ୨୦୨୪ରେ ମୋଟ ୨,୬୧,୦୭,୬୭୯ ୟୁନିଟ୍ ଗାଡ଼ି ପଞ୍ଜୀକୃତ ହୋଇଛି। ଯେତେବେଳେ କି ୨୦୨୩ରେ ଏହା ୨,୩୯,୨୮,୨୯୩ ୟୁନିଟ୍ ଥିଲା। ଫାଡାର ଅଧ୍ୟକ୍ଷ ସି.ଏସ.ବିଗ୍ନେଶ୍ୱରଙ୍କ ସୂଚନାନୁସାରେ, ୨୦୨୪ରେ ଭୀଷଣ ଗରମ, କେନ୍ଦ୍ର ତଥା ରାଜ୍ୟରେ ନିର୍ବାଚନ ଏବଂ ପ୍ରତିକୂଳ ପାଣିପାଗ ପରସ୍ଥିତି ସତ୍ତ୍ୱେ ଗାଡ଼ି ଉଦ୍ୟୋଗରେ ବିକ୍ରି ଭଲ ରହିଥିଲା। ସେ କହିଛନ୍ତି ଏହି ଭଲ ପ୍ରଦର୍ଶନ ପାଇଁ ଦୁଇ ଚକିଆ ଯାନର ଯୋଗାଣ, ନୂଆ ନୂଆ ମଡେଲର ବଜାର ପ୍ରବେଶ ତଥା ଗ୍ରାମାଞ୍ଚଳରେ ଗାଡ଼ିର ଚାହିଦା ବୃଦ୍ଧିର ବଡ଼ ଭୂମିକା ରହିଛି। ଅବଶ୍ୟ ଆର୍ଥିକ ବାଧା ତଥା ବଢୁଥିବା ଇଲେକ୍ଟ୍ରିକ୍ ଯାନର ଚାହିଦା ମଧ୍ୟ କଡ଼ା ଟକ୍କର ଦେଇଥିଲା। ତେବେ ରିପୋର୍ଟ ଅନୁଯାୟୀ, ୨୦୨୪ରେ ୪୦,୭୩,୮୪୩ ୟୁନିଟ୍ ଯାତ୍ରୀବାହୀ ଗାଡ଼ି ବିକ୍ରି ହୋଇଛି।

# ପାନ୍ କାର୍ଡ ସ୍କାମ୍ ନେଇ ସତର୍କ କରାଇଲେ ସରକାର

ନୂଆଦିଲ୍ଲୀ,୭।୧(ଏଜେନ୍ସି): ପାନ୍ କାର୍ଡ ସ୍କାମ୍ ନେଇ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ ସତର୍କ କରାଇଛନ୍ତି କେନ୍ଦ୍ର ସରକାର। ଯେ, ପାନ୍ କାର୍ଡ ବିବରଣୀ ଅପ୍‌ଡେଟ୍ କରି ନ ଥିବାରୁ ବ୍ୟାଙ୍କ ଆକାଉଣ୍ଟ ବ୍ଲକ୍ କରି ଦିଆଯାଇଥିବା ନେଇ ଅଧିକାଂଶ ଗ୍ରାହକଙ୍କୁ ମେସେଜ୍ ଆସିଛି। ଏହି ମେସେଜ୍‌ରେ ଏକ ଲିଙ୍କ୍ ରହୁଛି। ପାନ୍ ବିବରଣୀ ଅପ୍‌ଡେଟ୍ କରିବା ପାଇଁ ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିବା ପାଇଁ ଗ୍ରାହକଙ୍କୁ କୁହାଯାଉଛି। ଲୋକଙ୍କ କଷ୍ଟଅର୍ଜିତ ଧନ ହଡ଼ପ ତଥା ବ୍ୟକ୍ତିଗତ ତଥ୍ୟ ହାସଲ କରିବା ପାଇଁ ଏହା ଏକ ସ୍କାମ୍ ବୋଲି ସରକାର ଲୋକଙ୍କୁ ସଚେତନ କରିଛନ୍ତି। ପିଆଇବିର ଫ୍ୟାକ୍ଟ ଚେକ୍ ଟିମ୍ ଏହି ମେସେଜ୍‌ଗୁଡ଼ିକୁ ଯାଞ୍ଚ କରିବା ପରେ ଜାଣିବାକୁ ପାଇଛି ଯେ, ଏହି ମେସେଜ୍‌ଗୁଡ଼ିକ ଫକ୍। ଭାରତୀୟ ଡାକ ଏଭଳି ମେସେଜ୍ ପଠାଇ ନ ଥାଏ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଏଭଳି ମେସେଜ୍ ତଥା ଲିଙ୍କ୍‌ଗୁଡ଼ିକରୁ ଦୂରେଇ ରହିବା ପାଇଁ ସରକାର ଗ୍ରାହକଙ୍କୁ ପରାମର୍ଶ ଦେଇଛନ୍ତି।

# ଫେବୃଆରୀରୁ ଟିଭି ଦେଖା ମହଙ୍ଗା

- ବଢ଼ିବ ଡିଟିଏଚ୍ ରିଚାର୍ଜ ମୂଲ୍ୟ
- ବଢୁଛି ଓଟିଟି ପ୍ଲାଟଫର୍ମର ଦବ୍‌ଦବା

ନୂଆଦିଲ୍ଲୀ,୭।୧(ଏଜେନ୍ସି): ଆସନ୍ତା ମାସ ଅର୍ଥାତ୍ ଫେବୃଆରୀ ପହିଲାରୁ ଗ୍ରାହକଙ୍କ ପାଇଁ ଟିଭି ଦେଖା ମହଙ୍ଗା ହେବ। କାରଣ ନୂଆ ମାସରୁ ଡିଟିଏଚ୍‌ରେ ଟିଭି ଦେଖିବା ପାଇଁ ଆପଣଙ୍କୁ ଅଧିକ ଦେୟ ଦେବାକୁ ପଡିବ। କାରଣ ବଡ ଟିଭି ପ୍ରସାରଣକାରୀମାନେ ସେମାନଙ୍କର ଚ୍ୟାନେଲ୍‌ଗୁଡିକର ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରି ପରିସ୍ଥିତିରେ, ଯଦି ଆପଣ ପେଡ୍ ଡିଟିଏଚ ସେବା ମଧ୍ୟ ବ୍ୟବହାର କରୁଛନ୍ତି, ତେବେ ରିଚାର୍ଜ ପାଇଁ ଆପଣଙ୍କୁ ପୂର୍ବ ଅପେକ୍ଷା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହି ନିଷ୍ପତ୍ତି ଏପରି ସମୟରେ ନିଆଯାଉଛି ଯେଉଁ ସମୟରେ ଦେଶରେ ଓଟିଟି ପ୍ଲାଟଫର୍ମର ଲୋକପ୍ରିୟତା ଦ୍ରୁତ ଗତିରେ ବଢୁଛି। ତେବେ ଟିଭି ପ୍ରସାରଣକାରୀଙ୍କ କହିବା ହେଉଛି ଯେ, କଣ୍ଟେଣ୍ଟ ମୂଲ୍ୟ ମୂଲ୍ୟ କ୍ରମାଗତ ଭାବରେ ବୃଦ୍ଧି ପାଉଛି।



ଏଭଳି ପରିସ୍ଥିତିରେ ବିଜ୍ଞାପନରୁ ଆୟରେ ହ୍ରାସ ଘଟିଛି। ପ୍ରସାରଣକାରୀମାନେ ମିଳିତ ଭାବେ ଟିଭି ଚ୍ୟାନେଲଗୁଡ଼ିକର ମୂଲ୍ୟ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି, କାରଣ ଭଲ କଣ୍ଟେଣ୍ଟ ଗୁଣବତ୍ତା ବଜାୟ ରଖିବା ସେମାନଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଛି। ଏହା ବ୍ୟତୀତ କମ୍ପାନୀଗୁଡିକର ପରିଚାଳନା ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ଟିଭି ପ୍ରସାରଣକାରୀ ସୋନୀ ପିକ୍ଚର୍ସ ନେଟୱାର୍କ ଇଣ୍ଡିଆ (ଏସପିଏନଆଇ) ଏବଂ ଜୀ ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜେସ୍ (ଜେଡଇଇଏଲ) ଚ୍ୟାନେଲ ପ୍ୟାକେଜ୍ ମୂଲ୍ୟ ୧୦%ରୁ ଅଧିକ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଛଡା ଜିଓଷ୍ଟାର ଏହାର ଚ୍ୟାନେଲ ପ୍ୟାକେଜ୍‌ର ମୂଲ୍ୟ ବୃଦ୍ଧି ନେଇ ମଧ୍ୟ ସୂଚନା ଦେଇଛି।

**ଭାରତରେ ୨୫ ହଜାର କୋଟି ନିବେଶ କରିବ ମାଇକ୍ରୋସଫ୍ଟ**

# ୨୦୩୦ ସୁଦ୍ଧା ୧ କୋଟି ଲୋକଙ୍କୁ ଏଆଇ ଟ୍ରେନିଂ





**ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସତ୍ୟ ନାଦେଲା**

ନୂଆଦିଲ୍ଲୀ,୭।୧(ଏଜେନ୍ସି)

ଆମେରିକାର ବୃହତ୍ ଆଇଟି କମ୍ପାନୀ ମାଇକ୍ରୋସଫ୍ଟ ଭାରତରେ ୩ ବିଲିୟନ ଡଲାର ବା ୨୫,୭୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ନେଇ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବୈଠକର ଗୋଟିଏ ଦିନ ପରେ କମ୍ପାନୀର ସତ୍ୟ ନାଡେଲା ଏହି ଘୋଷଣା କରିଛନ୍ତି। ଭାରତର କ୍ଲାଉଡ୍ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ସୁଦୃଢ଼ କରିବା କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ କରାଯିବ। ଏଥିରେ ୨୦୩୦ ସୁଦ୍ଧା ଦେଶର ୧ କୋଟି ଲୋକଙ୍କୁ ଏଆଇ ଟ୍ରେନିଂ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି।

ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରମୁଖ ମାଇକ୍ରୋସଫ୍ଟ ଭାରତରେ କ୍ଲାଉଡ୍ ଏବଂ ଏଆଇ ଭିତ୍ତିଭୂମି ବିସ୍ତାର କରିବା କ୍ଷେତ୍ରରେ ଏହି ତିନି ବିଲିୟନ ଡଲାର ଅର୍ଥ ବିନିଯୋଗ କରିବ। କମ୍ପାନୀ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାଦେଲା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ନାଡେଲାଙ୍କ ଅନୁଯାୟୀ, ଭାରତରେ ଏକ ଜବରଦସ୍ତ ଗତି ଅଛି, ଯେଉଁଠାରେ ଲୋକମାନେ ମଲ୍ଟି-ଏଜେଣ୍ଟ ପ୍ରକାରର ନିୟୋଜନ ଆଡକୁ ଯାଉଛନ୍ତି। ସେ କହିଛନ୍ତି ଯେ କମ୍ପାନୀ ଭାରତରେ ବ୍ୟାପକ ପରିମାଣରେ ଆଞ୍ଚଳିକ ବିସ୍ତାର କରୁଛି। ନାଦେଲା କହିଛନ୍ତି ଯେ ଭାରତର ପ୍ରତ୍ୟେକ ବ୍ୟକ୍ତି ଏବଂ ସଂଗଠନକୁ ସଶକ୍ତ କରିବା ପାଇଁ ମାଇକ୍ରୋସଫ୍ଟର ମିଶନ୍ କମ୍ପାନୀକୁ ଆଗକୁ ବଢ଼ାଇବା। ସେ କହିଛନ୍ତି, ଏହି ଲକ୍ଷ୍ୟ ହାସଲ କରିବା ପାଇଁ ନିଶ୍ଚିତ ହେବା ଆବଶ୍ୟକ ଯେ ଏହି ଦେଶର ମାନବ ପୁଞ୍ଜି ବୃଦ୍ଧି ପାଉଛି। ଦେଶ ଟେକ୍ନୋଲୋଜିର ଅପାର ସୁଯୋଗ ଏବଂ ସୁବିଧାର ଲାଭ ଉଠାଇପାରିବ। ତେଣୁ ଆଜି ଆମେ ଆମର ପ୍ରତିବଦ୍ଧତା ଘୋଷଣା କରୁଛୁ। ସେ କହିଛନ୍ତି ଯେ ୨୦୩୦ ସୁଦ୍ଧା ଆମେ ଏକ କୋଟି ଲୋକଙ୍କୁ ଏଆଇ ତାଲିମ ଦେବୁ।

ଏ ସମ୍ପର୍କରେ ନାଦେଲା କହିଛନ୍ତି ଯେ ଭାରତରେ ଗିଥ୍ ହବ୍‌ରେ ୧୭ ନିୟୁତ ଡେଭଲପର୍ ଅଛନ୍ତି। ଭାରତରୁ ୩୦,୫୦୦ରୁ ଅଧିକ ଏଆଇ ପ୍ରକଳ୍ପ ବିକଶିତ ହେଉଛି। ସେ କହିଛନ୍ତି ଯେ ଏହାର ଆଜୁର୍ କ୍ଷମତା ବୃଦ୍ଧି ପାଇଁ କମ୍ପାନୀ ଅତିରିକ୍ତ ୩ ବିଲିୟନ ଡଲାର ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଛି। ଆଜି ପର୍ଯ୍ୟନ୍ତ ଭାରତରେ ଏହା ହେଉଛି କମ୍ପାନୀର ସବୁଠାରୁ ବଡ ବିସ୍ତାର। କମ୍ପାନୀ ଭାରତରେ ଅନେକ ଆଞ୍ଚଳିକ ବିସ୍ତାର କରୁଛି। ନାଡେଲା କହିଛନ୍ତି ଯେ କମ୍ପାନୀ ଭାରତର ପ୍ରତ୍ୟେକ ବ୍ୟକ୍ତି ଏବଂ ସଂଗଠନକୁ ସଶକ୍ତ କରିବା ପାଇଁ ଏକ ମିଶନ ଉପରେ କାର୍ଯ୍ୟ କରୁଛି।

# ଫିଟ୍‌ନେସ୍ କେୟାର ଆଣ୍ଡ କ୍ରାଫ୍ଟର ସାଧାରଣତନ୍ତ୍ର ଦିବସ ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର,୭।୧(ସମିସ): ପୁରୀ ବାଏପାସ୍ ପାଣ୍ଡରା ଛକ ସ୍ଥିତ ଫିଟ୍‌ନେସ୍ କେୟାର ଆଣ୍ଡ କ୍ରାଫ୍ଟ ପକ୍ଷରୁ ସାଧାରଣତନ୍ତ୍ର ଦିବସ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ଏଥିରେ ଗ୍ରାହକମାନେ ଆସେସୋରିଜ୍ ଏବଂ କ୍ରୀଡା ଉପକରଣରେ ୨୫ ପ୍ରତିଶତ ରିଆତି ପାଇପାରିବେ। ସେହିପରି ଇକ୍ୱିପମେଣ୍ଟରେ ୪୫%ରୁ ୫୦ % ଏବଂ ମସାଜ୍ ଇକ୍ୱିପମେଣ୍ଟରେ ୫୦ ପ୍ରତିଶତ ରିଆତି ଉପଲବ୍ଧ କରିପାରିବେ ବୋଲି ଫିଟ୍‌ନେସ୍ କେୟାର ଆଣ୍ଡ କ୍ରାଫ୍ଟର ନିର୍ଦ୍ଦେଶକ ପ୍ରକାଶ ମହନ୍ତ କହିଛନ୍ତି। ଏହି ଅଫର ଚଳିତମାସ ୨୬ରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ଉପଲବ୍ଧ। ଏଠାରେ ସୂଚନାଯୋଗ୍ୟ ଯେ, ଫିଟ୍‌ନେସ୍ କେୟାର ଆଣ୍ଡ କ୍ରାଫ୍ଟରେ କାର୍ଡିଓ ଇକ୍ୱିପମେଣ୍ଟଠାରୁ ଆରମ୍ଭ କରି ଷ୍ଟ୍ରେନ୍‌ଥ, ମସାଜ୍, ଆଉଟ୍ ଡୋର ଜିମ୍ ଏବଂ ଷ୍ଟିମ୍ ବାଥ୍ ଓ ଜିମ୍ ଫ୍ଲୋରିଂ ଇକ୍ୱିପମେଣ୍ଟ ଆଦି ରହିଛି।

FITNESS
CARE & CRAFT

# ୪୦ କୋଟି ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ନାହିଁ



ନୂଆଦିଲ୍ଲୀ,୭।୧(ଏଜେନ୍ସି)

ଦେଶରେ ପ୍ରତ୍ୟେକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ବୀମା ବେଶ ଜରୁରୀ। ସରକାରୀ ସ୍ତରରେ ଲୋକଙ୍କୁ ଏବଂ କର୍ପୋରେଟ୍ ପକ୍ଷରୁ ସେମାନଙ୍କର କର୍ମଚାରୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଉଛି। ହେଲେ ବର୍ତ୍ତମାନ ସମୟରେ ବି ଦେଶର ୪୦ କୋଟି ଲୋକଙ୍କ ପାଖରେ କୌଣସି ସ୍ୱାସ୍ଥ୍ୟ ବୀମା ନାହିଁ। କେବଳ ୬ କୋଟି ଲୋକଙ୍କ ନିକଟରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ରହିଥିବା ଏଚଡିଏଫସି ଏର୍ଗୋର ନିର୍ଦ୍ଦେଶକ ତଥା ମୁଖ୍ୟ ବ୍ୟବସାୟ ଅଧିକାରୀ ପାର୍ଥନୀଲ ଘୋଷ କହିଛନ୍ତି। କମ୍ପାନୀ ରାଜ୍ୟରେ ସ୍ୱାସ୍ଥ୍ୟ ବୀମାର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ପ୍ରତି ତା'ର ପ୍ରତିବଦ୍ଧତାକୁ ଦୋହରାଇଛି। କମ୍ପାନୀ ପାଇଁ ଓଡ଼ିଶା ହେଉଛି ଅନ୍ୟତମ ପ୍ରମୁଖ ବଜାର। ଓଡ଼ିଶାରେ ଏଚଡିଏଫସି ଏର୍ଗୋର ୩୫ରୁ ଅଧିକ ଶାଖା ଏବଂ ଡିଜିଟାଲ୍ ଅଫିସ୍‌ର ନେଟୱାର୍କ ସହିତ ରାଜ୍ୟରେ ଏକ ଦୃଢ଼ ଉପସ୍ଥିତି ରହିଛି। ଏଗୁଡ଼ିକ କମ୍ପାନୀର ବୀମା ବିତରଣ ଏବଂ ସର୍ଭିସ୍ ପଏଣ୍ଟ। ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧ ସୁଦ୍ଧା କମ୍ପାନୀ ଓଡ଼ିଶାରେ ୯କୋଟି ଟଙ୍କାରୁ ଅଧିକ ଏବଂ ୧୬୦୦ରୁ ଅଧିକ ସ୍ୱାସ୍ଥ୍ୟ ଦାବିର ସମାଧାନ କରିଛି। ସମସ୍ତଙ୍କ ପାଇଁ ବୀମା ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ ଏଚଡିଏଫସି ଏର୍ଗୋରେ ଆମେ ଶେଷ ମାଇଲ୍ ପର୍ଯ୍ୟନ୍ତ ବୀମା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ 'ସଚେତନତା, ଉପଲବ୍ଧତା ଏବଂ ପହଞ୍ଚର ତିନୋଟି ସ୍ତମ୍ଭ ଉପରେ ଧ୍ୟାନ ଦେଉଥିବା ସେ କହିଛନ୍ତି।

# ଆଇସିଏସ୍‌ଆଇ ପକ୍ଷରୁ ସିଏସ୍ ସମ୍ମିଳନୀ





ଭୁବନେଶ୍ୱର,୭।୧(ସମିସ): ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଦ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ)ର ସେଣ୍ଟର ଫରକର୍ପୋରେଟ୍ ଗଭର୍ଣ୍ଣାନ୍ସ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ସିସିଜିଆର୍‌ଟି) ପକ୍ଷରୁ ସିଏସ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଦ୍ୱିତୀୟ ଦିନରେ 'ବିତ୍ତୀୟ ବିବରଣୀର ପ୍ରସ୍ତୁତି ଓ ବିଶ୍ଳେଷଣରେ ସିଏସ୍‌ଙ୍କ ଭୂମିକା ଏବଂ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ସିଏସ୍‌ଙ୍କ ପାଇଁ ସୁଯୋଗ' ଶୀର୍ଷକରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଡେପୁଟି ଆର୍‌ଓସି ଚନ୍ଦନ ଜୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଆଇସିଏସ୍‌ଆଇର ଉପସଭାପତି ତଥା ସିସିଜିଆର୍‌ଟିର ଅଧ୍ୟକ୍ଷ ସିଏସ୍ ଧନଞ୍ଜୟ ଶୁକ୍ଳା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟ ଏବଂ ଆବାହକ, ସିସିଜିଆର୍‌ଟି କଲକାତା ସିଏସ୍ ସନ୍ଦୀପ କେଜ୍ରିୱାଲ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ।

# ଟାଟା ପାୱାର ଡିସ୍‌କମ୍ ଓଡ଼ିଶାକୁ କଲେ ୨୪ ଘଣ୍ଟିଆ ବିଦ୍ୟୁତ୍ ହବ୍‌ରେ ରୂପାନ୍ତରଣ

ଭୁବନେଶ୍ୱର,୭।୧(ସିମସ): ଟାଟା ପାୱାର ଓଡ଼ିଶାରେ ବିଦ୍ୟୁତ୍ ଅବଣ୍ଟନରେ ବିପ୍ଳବ ଆଣିଛି। ଓଡ଼ିଶା ସରକାରଙ୍କ ସହ ମିଳିତ ଉଦ୍ୟମରେ ଟାଟା ପାୱାରର ୪ଟି ଡିସକମ୍ ଯଥା ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍, ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଏବଂ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ରପରିଚାଳନା କରୁଛି। ଟିପି ଓଡ଼ିଶା ଡିସକମଗୁଡ଼ିକ ଉଭୟ ଗ୍ରାମୀଣ ପରିବାର ଓ ଶିଳ୍ପ କେନ୍ଦ୍ରକୁ ଭରସାଯୋଗ୍ୟ ବିଜୁଳି ପହଂଚାଇ ରାଜ୍ୟକୁ ଶକ୍ତି ଯୋଗାଉଛନ୍ତି। ଗତ ୩-୪ ବର୍ଷ ମଧ୍ୟରେ କମ୍ପାନି ଭିତ୍ତିଭୂମି ସମ୍ପ୍ରସାରଣ ଏବଂ ବାତ୍ୟା ମୁକାବିଲା ନେଟୱାର୍କ ନିର୍ମାଣରେ ୪୨୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କରିଛି ଯାହା ଦ୍ୱାରା ଘରୋଇ, ଶିଳ୍ପ ଏବଂ କୃଷି ସମେତ ବିଭିନ୍ନ ବର୍ଗର ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ। ୧୦ ଲକ୍ଷରୁ ଅଧିକ ନୂତନ ସଂଯୋଗ ଯୋଡ଼ାଯାଇଛି ଯାହା ଦ୍ୱାରା ଅଣସେବାପ୍ରାପ୍ତ ଗ୍ରାମାଞ୍ଚଳକୁ ବିଜୁଳି ଯୋଗାଣ ଏବଂ ଶିଳ୍ପ ସମ୍ପ୍ରସାରଣରେ ସହାୟକ ହୋଇଛି। ଏହି ପ୍ରୟାସ ଓଡ଼ିଶାର ବିକାଶ ପାଇଁ ଏକ ଦୃଢ଼ ଭିତିଭୂମି ସ୍ଥାପନ କରିଥିବା ବେଳେ ରାଜ୍ୟରେ ଏବେ ୨୪ ଘଣ୍ଟିଆ ବିଜୁଳି ଯୋଗାଣ ହୋଇଛି।

TATA
TATA POWER

**ସିବିଆଇସିର ବଡ଼ ନିଷ୍ପତ୍ତି**

# ଗିଫ୍ଟ କାର୍ଡ, ଭାଉଚରରେ ଲାଗିବନି ଜିଏସ୍‌ଟି

**ଅନ୍‌ଲାଇନ୍ ଶପିଂ ହେଲା ଶସ୍ତା**





ନୂଆଦିଲ୍ଲୀ ୭।୧(ଏଜେନ୍ସି)

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର କେତେକ କାରବାର ଉପରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଶେଷ କରିଛନ୍ତି। ଏଣିକି ଆଉ ଗିଫ୍ଟ କାର୍ଡ ଏବଂ ଭାଉଚରରେ ଜିଏସ୍‌ଟି ଲାଗୁ ହେବନାହିଁ। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପ୍ରିପେଡ ଭାଉଚର, ଗିଫ୍ଟ କାର୍ଡ ଓ ଡିଜିଟାଲ ୱାଲେଟ ଭଳି ସୁବିଧା ଉପରେ ସେବା ଓ ସାମଗ୍ରୀ କର (ଜିଏସଟି) ଲାଗୁ କରିବେ ନାହିଁ। ତେବେ ସିବିଆଇସିର ଏହି ନିଷ୍ପତ୍ତି ସେହି ବ୍ୟବସାୟୀଙ୍କ ନିମନ୍ତେ ଆଶ୍ୱସ୍ତିକର ହୋଇଛି ଯେଉଁମାନେ ଦୀର୍ଘ ସମୟରୁ ଗିଫ୍ଟ କାର୍ଡ ଓ ଭାଉଚର ସମ୍ପର୍କିତ କାରବାର ଚଳାଉଥିଲେ। ସିବିଆଇସି ସ୍ଥିତିକୁ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି ଯେ ଭାଉଚର, କାର୍ଡ ଅଥବା ୱାଲେଟ୍ ଦେବାକୁ ମାଲ୍ ଅଥବା ସେବା ଯୋଗାଣ ମନେ କରାଯିବନାହିଁ। ଅର୍ଥାତ ଭାଉଚର ଅଥବା ଗିଫ୍ଟ କାର୍ଡରେ ଜିଏସ୍‌ଟି ଲାଗିବନାହିଁ। ହେଲେ ଯେତେବେଳେ ଏହି ସବୁ ଭାଉଚର ଅଥବା ଗିଫ୍ଟ କାର୍ଡରେ ସାମଗ୍ରୀ କି ସେବା କ୍ରୟ କରାଯିବ ସେଠାରେ ଜିଏସ୍‌ଟି ଲାଗିବ। ଏ ପର୍ଯ୍ୟନ୍ତ ବ୍ୟବସାୟୀମାନେ ଚିନ୍ତାରେ ଥିଲେ ଯେ ଗିଫ୍ଟ କାର୍ଡ ଅଥବା ଭାଉଚର ଇସ୍ୟୁ କଲେ ସେମାନଙ୍କ ଉପରେ ଜିଏସ୍‌ଟି ଲାଗୁ ହୋଇପାରେ। ଏହି ଭ୍ରମ ଯୋଗୁ ଅନେକ ବ୍ୟବସାୟୀ ଭାଉଚର ଜାରି କରିବାକୁ ଆଶଙ୍କା ପ୍ରକାଶ କରୁଥିଲେ। ଏବେ ସିବିଆଇସିର ଏହି ବୟାନ ପରେ ବ୍ୟବସାୟୀମାନେ ଆଶ୍ୱସ୍ତ ହୋଇଛନ୍ତି।

ସିବିଆଇସିଙ୍କ ଏହି ନିଷ୍ପତ୍ତି ଯୋଗୁ ଅଫ୍‌ଲାଇନ ଓ ଅନ୍‌ଲାଇନ ଉଭୟ ରିଟେଲରମାନଙ୍କୁ ଲାଭ ମିଳିବ। ଆମ ଦେଶରେ ପର୍ବପର୍ବାଣୀ ଉତ୍ସବ କାଳରେ ବିପୁଳ ପରିମାଣରେ ଗିଫ୍ଟ ଭାଉଚର ଓ କାର୍ଡ କାବରାର ହୋଇଥାଏ। ସିବିଆଇସି ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଡିଜିଟାଲ ୱାଲେଟ, ଯେଉଁଥିରେ ଲୋକେ ପଇସା ରଖି ଅନଲାଇନ କାରବାର କରିଥାନ୍ତି, ତାହା ଉପରେ ମଧ୍ୟ ସିଧା ଜିଏସ୍‌ଟି ଲାଗୁ ହେବ ନାହିଁ। କିନ୍ତୁ ସେହି ୱାଲେଟରୁ ଯଦି କୌଣସି ସାମଗ୍ରୀ ଅଥବା ସେବା କ୍ରୟ କରାଯାଏ ତେବେ ସେହି ସାମଗ୍ରୀ ଓ ସେବା ଉପରେ ପୂର୍ବରୁ ଧାର୍ଯ୍ୟ ଜିଏସ୍‌ଟି ଲାଗୁ ହେବ। ଏହି ନିୟମ ପେଟିଏମ୍, ଫୋନ୍ ପେ, ଗୁଗଲ୍ ପେ ଭଳି ଡିଜିଟାଲ ପେମେଣ୍ଟସ ଆପ୍ ନିମନ୍ତେ ମଧ୍ୟ ଲାଗୁ ବୋଲି କୁହାଯାଇଛି। ସେହିପରି ଭାଉଚର ବିତରଣ କାଳରେ ଯେଉଁ ଅତିରିକ୍ତ ସେବା ଯେପରି ବିଜ୍ଞାପନ ଅଥବା ଗ୍ରାହକଙ୍କ ସହାୟତା ତା ଉପରେ ଜିଏସ୍‌ଟି ଲାଗୁ ହେବ। ସିବିଆଇସି ସ୍ପଷ୍ଟ କରିଦେଇଛନ୍ତି ଯେ ଯଦି କୌଣସି ବ୍ୟବସାୟୀ ଭାଉଚର ଅଥବା ଗିଫ୍ଟ କାର୍ଡକୁ ପ୍ରମୋଟ କରିବା ଲାଗି ବିଜ୍ଞାପନ ଏଜେନ୍ସୀଙ୍କ ସେବା ନିଅନ୍ତି, ତେବେ ସେହି ଏଜେନ୍ସୀକୁ ଦିଆ ଯାଉଥିବା ଫି ଉପରେ ଶୁଳ୍କ ନିଶ୍ଚିତ ଲାଗିବ। ସେହିପରି କଷ୍ଟମର କେୟାର ଅଥବା ସେହିଭଳି ଅନ୍ୟ ସେବାର ଉପଯୋଗ ହେଉଥିଲେ ଏହା ଉପରେ ଲାଗୁ ଟିକସର ଅନୁପାଳନ କରାଯିବ।

